## ସଂକ୍ଷେପରେ

### ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର , ୬।୧
(ସୁବାସ ଚନ୍ଦ୍ର ପାଢ଼ୀ)

ସରକାରୀ ରେଳବାଇ ପୋଲିସ (ଜିଆରପି) ଶନିବାର ଗୋସାଣିନୂଆଗାଁ ଶିଶୁ ମନ୍ଦିର ନିକଟ ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତ ଯୁବକ ଜଣଙ୍କ ନିମଖଣ୍ଡି ଥାନା ଲୋଚାପଡା କୃଷ୍ଣ ନଗରର କାହ୍ନୁ ସାହୁ(୨୨)ବୋଲି ପୋଲିସ କହିଛି। ବୋରିଗାଁର ନରେନ୍ଦ୍ର ସାହୁଙ୍କ ମୃତ୍ୟୁ ପରେ ତାଙ୍କର ଦୁଇ ପୁଅ ରବି ସାହୁ, କାହ୍ନୁ ସାହୁ ଓ ସ୍ତ୍ରୀ ମାମିନି ସାହୁ ଲୋଚପଡା ଅଞ୍ଚଳରେ ଘର ଭଡା ନେଇ ରହୁଥିଲେ। କାହ୍ନୁ ଏକ ଚା'ଦୋକାନ କରିଥିଲେ। ଶୁକ୍ରବାର ସେ ଦୋକାନ ବନ୍ଦ କରି କୌଣସି କାମରେ ବାହାରକୁ ଯିବାକୁ ତାଙ୍କ ମା'ଙ୍କୁ କହିଥିଲେ। ସନ୍ଧ୍ୟାରେ ସେ ଫୋନରେ ତାଙ୍କ ମା' ମାମିନିଙ୍କୁ କହିଥିଲେ ଯେ ରେଳଧାରଣରେ ସେ ଆତ୍ମହତ୍ୟା କରିବାକୁ ଯାଉଛନ୍ତି। ଏନେଇ ମାମିନି ତାଙ୍କ ବଡ ପୁଅ ରବିଙ୍କୁ ଜଣାଇଥିଲେ। ରବି ଜିଆରପି ଥାନାକୁ ଏନେଇ ଜଣାଇଥିଲେ। ରେଳଧରଣାରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ନେଇ ପୋଲିସ ଷ୍ଟେସନ ମାଷ୍ଟରଙ୍କ ଠାରୁ ମେସେଜ ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସ ଉପସ୍ଥିତିରେ ରବି ତାଙ୍କ ଭାଇର ମୃତଦେହ ଚିହ୍ନଟ କରିଥିଲେ। ମୃତ ଯୁବକଙ୍କ ପ୍ୟାଣ୍ଟ ପକେଟରୁ ପୋଲିସ ଏକ ମୋବାଇଲ ଫୋନ ଜବତ କରିଥିଲା। ଶନିବାର ଯୁବକଙ୍କ ମୃତଦେହ ବ୍ୟବଚ୍ଛେଦ କରିଛି। ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ଯୁବକ ଜଣଙ୍କ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି। ପୋଲିସ ଏ ସଂକ୍ରାନ୍ତରେ ନଂ.୨୧୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଶିକ୍ଷକ ଓ ଅଭିଭାବକ ବୈଠକ

ବ୍ରହ୍ମପୁର,୬।୧
(ତନୁଶ୍ରୀ ନାହାକ)

ଆସ୍କାରୋଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଓ ଅଭିଭାବକଙ୍କ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ରାଜେଶ କୁମାର ତାରିଣୀ ଅଧ୍ୟକ୍ଷତା କରିଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ସବିତା ସାହୁ ଯୋଗଦେଇଥିଲେ। ବୈଠକରେ ବିଦ୍ୟାଳୟର ବିଭିନ୍ନ ଅସୁବିଧା ଓ ଆବଶ୍ୟକତା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଦ୍ୟାଳୟର ମୋ ସ୍କୁଲ ପାଣ୍ଠିକୁ ଦାନ ନିମନ୍ତେ ଅଭିଭାବକଙ୍କ ଧ୍ୟାନ ଆକର୍ଷଣ କରାଯାଇଥିଲା। ସ୍କୁଲରେ ଥିବା ଶିଶୁ ଉଦ୍ୟାନ ପୁନଃନବୀକରଣ କାର୍ଯ୍ୟାରମ୍ଭ, ବିଦ୍ୟାଳୟରେ ନିର୍ମାଣାଧୀନ ୱାର୍ଡ଼ ଅଫିସ ଗୃହକୁ ବନ୍ଦ କରି ସେଠାରେ ଛାତ୍ରୀଛାତ୍ରଙ୍କ ନିମନ୍ତେ ପାନୀୟ ଜଳ ବ୍ୟବସ୍ଥା କରିବା, ବିଦ୍ୟାଳୟ ତୋରଣ ନିର୍ମାଣ କାର୍ଯ୍ୟଶେଷ ଆଦି ବିଷୟରେ ଆଲୋଚନା କରାଯାଇଥିଲା। କର୍ପୋରେଟର ସାହୁ ବିଦ୍ୟାଳୟକୁ ସମସ୍ତ ପ୍ରକାର ସୁବିଧା ଯୋଗାଇଦେବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଅସ୍ମିତା କୁମାରୀ ସାହୁ, ସୁଜାତା ପଟ୍ଟନାୟକ, ଶିକ୍ଷକ ମନୋରଞ୍ଜନ ପଟ୍ଟନାୟକ, ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ନକଲି ବ୍ୟାଙ୍କ ମ୍ୟାନେଜର ସହ ୨ ବନ୍ଧାହେଲେ

## ବ୍ୟାଙ୍କ ପ୍ରଦତ୍ତ ପରିଚୟପତ୍ର ସହ ୩୭ ରିଜ୍ୟୁମ ଜବତ

ବ୍ରହ୍ମପୁର, ୬।୧
(ସୁବାସ ଚନ୍ଦ୍ର ପାଢ଼ୀ)

ନିଜକୁ ଏକ ଘରୋଇ ବ୍ୟାଙ୍କର ମ୍ୟାନେଜର ପରିଚୟ ଦେଇ ନକଲି ପ୍ରମାଣପତ୍ର ଦେଖାଇ ଟଙ୍କା ଠକେଇ ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ନକଲି ମ୍ୟାନେଜର ସହିତ ଆଉ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବ୍ରହ୍ମପୁର ପ୍ରେମନଗର ୫ମ ଗଳିର ଡି. ରିଙ୍କୁ ପାତ୍ର (୪୨) ଓ ପୁରୁଷୋତ୍ତମପୁର ଥାନା ଅମୁଣିଆ ଗଳିର ରବି ନାରାୟଣ ମହାରଣା (୨୭)। ସେମାନଙ୍କ ଠାରୁ ଦୁଇଟି ଅଫର୍ ଲେଟର୍, ଗୋଟିଏ ଟ୍ୟାବ୍, ଗୋଟିଏ ବିଜିନେସ କରେସପଣ୍ଡେଣ୍ଟ ସାର୍ଟିଫିକେଟ, ବ୍ୟାଙ୍କ ପ୍ରଦତ୍ତ ପରିଚୟପତ୍ର, ଦୁଇଟି ଷ୍ଟାମ୍ପ, ଗୋଟିଏ ବ୍ୟାଙ୍କ ପାସବୁକ, ବିଭିନ୍ନ କଲେଜ ଛାତ୍ରଙ୍କ ୩୭ଟି ରିଜ୍ୟୁମ ଜବତ କରାଯାଇଛି। ଉକ୍ତ ବ୍ୟାଙ୍କରେ ଚାକିରି କରାଇଦେବାକୁ କହି ପୋଷାକ ବାବଦ ୨୫ରୁ ୨୭ଶହ ଟଙ୍କା ଲେଖାଏଁ ମଧ୍ୟ ବହୁ ଆଶାୟୀଙ୍କଠାରୁ ଆଦାୟ



ଗିରଫ ଦୁଇ ଅଭିଯୁକ୍ତ ।

କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ସେହିପରି ଏହି ଠକେଇର ଚେର କେତେ ଦୂର ପର୍ଯ୍ୟନ୍ତ ଲମ୍ବିଛି ସେ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ରିଙ୍କୁ ଫିନୋ ପେମେଣ୍ଟ ବ୍ୟାଙ୍କର ଫ୍ରାଞ୍ଚାଇଜ ଆଣି ଏହାର ଏକ କାର୍ଯ୍ୟାଳୟ ଗାନ୍ଧୀନଗର ମୁଖ୍ୟ ରାସ୍ତାରେ ମୋତି ହୋଟେଲ ନିକଟରେ ଖୋଲିଥିଲେ। ସେଠାରେ ଉକ୍ତ ବ୍ୟାଙ୍କର ଜମାଖାତା ଖୋଲିବା, ଟଙ୍କା ଜମା ଏବଂ ଉଠାଣ ସୁବିଧା ଥିଲା। କିନ୍ତୁ ନିଜ ପଦବୀର ଦୁରୁପଯୋଗ କରି ଉକ୍ତ ବ୍ୟାଙ୍କର ମ୍ୟାନେଜର ଭାବେ ନିଜକୁ ପରିଚୟ ଦେଇ ନକଲି ଆଇକାର୍ଡ ପ୍ରସ୍ତୁତ କରିଥିଲେ। ସୁମନ କୁମାର ଆଚାରୀ ନାମକ ଜଣେ ବ୍ୟକ୍ତିଙ୍କ ୪ ଚକିଆ ଯାନକୁ ବ୍ୟାଙ୍କ କାମରେ ଲଗାଇବା ପାଇଁ କହି ତାଙ୍କ ଠାରୁ ରିଙ୍କୁ ୩ଲକ୍ଷ ୪୮ହଜାର ଟଙ୍କା ଅଗ୍ରୀମ ରାଶି ନେଇଯାଇଥିଲେ। ଏଥିରେ ତା'ଙ୍କୁ ଅନ୍ୟତମ ଅଭିଯୁକ୍ତ ରବି ନାରାୟଣ ମହାରଣା ସହଯୋଗ କରିଥିଲେ। ୩ମାସ ପର୍ଯ୍ୟନ୍ତ ଗାଡ଼ି ବ୍ୟବହାର କରିଥିଲେ ମଧ୍ୟ ଭଡ଼ା ବାବଦ ଟଙ୍କା ସୁମନଙ୍କୁ ଦେଇନଥିଲେ। ସେ ଟଙ୍କା ମାଗିବାରୁ ଓଲଟା ଗାଳିଗୁଲଜ ସହ ଧମକ ଦେଇଥିଲେ। ଅନ୍ୟପଟେ ମୋଟ ସାଢେ ୬ଲକ୍ଷ ଟଙ୍କା ଠକାମିର ଶିକାର ହୋଇଥିବା ନେଇ ଗାଡି ମାଲିକ ସୁମନ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ନେଇଛି।

# ୬୦୦ ହିତାଧିକାରୀଙ୍କୁ ଗ୍ରାମକଣ୍ଠ ଘରବାରି ପଟ୍ଟା ବଣ୍ଟନ

ବ୍ରହ୍ମପୁର,୬।୧
(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ତହସିଲ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଟାଉନ ହଲ ପରିସରରେ ଗ୍ରାମକଣ୍ଠ ଘରବାରି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହରିଡାଖଣ୍ଡି, ଗୋସାଣୀନୂଆଗାଁ, ବ୍ରହ୍ମପୁର ଓ ଭାପୁର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନ ୬୦୦ ହିତାଧିକାରୀଙ୍କୁ ଘରବାରି ପଟ୍ଟା ବଣ୍ଟନ କରାଯାଇଛି। ଏଥିରେ ତହସିଲଦାର କ୍ଷୀରୋଦ ଭରତ ବିହାର ନାଗ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ବିଧାୟକ ବିକ୍ରମ


ଅତିଥିମାନଙ୍କ ସହିତ ପଟା ପାଇଥିବା ହିତାଧିକାରୀ।

କୁମାର ପଣ୍ଡା, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଏମସି ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡି, ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ସି, ପ୍ରବେସନାରୀ ଆଇଏଏସ ଅଫିସର ସମୀର କୁମାର ଜେନା, ଅତିରିକ୍ତ ତହସିଲଦାର ହୃଷୀକେଶ ପଣ୍ଡା ଓ ନିଶା ଗୋଇଙ୍ଗା ଉପସ୍ଥିତ ଥିଲେ। ରବିବାର ଆମ୍ବପୁଆଠାରେ ବିବେକ ବିହାର, ଗୋଇଲୁଣ୍ଡି ଓ ଲାଞ୍ଜିପଲୀ ଅଞ୍ଚଳର ୩୦୦ ହିତାଧିକାରୀଙ୍କୁ ଗ୍ରାମକଣ୍ଠ ପଟ୍ଟା ବଣ୍ଟନ କରାଯିବ ବୋଲି ସୂଚନା ମିଳିଛି। ସୁପରଭାଇଜର ମନୋଜ କୁମାର ନାହାକ, ତ୍ରିଦେବ ପଣ୍ଡା, ରାଜସ୍ୱ ନିରୀକ୍ଷିକା ଜ୍ୟୋସ୍ନାରାଣୀ ପଣ୍ଡା, ରାଜସ୍ୱ ନିରୀକ୍ଷକ ମଳୟ କୁମାର ନାୟକ ଓ ନିରଞ୍ଜନ ମହାନ୍ତିଙ୍କ ସମେତ ତହସିଲର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com


@ ଶୁଭ୍ରାଂଶୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବରିଷ୍ଠ ନାଗରିକ ମଞ୍ଚର ବୈଠକ


କାର୍ଯ୍ୟକ୍ରମରେ ଉପସ୍ଥିତ ମଂଚର ସଦସ୍ୟ ଓ ଅନ୍ୟମାନେ।

ବ୍ରହ୍ମପୁର,୬।୧
(ସ୍ମୃତି ରଞ୍ଜନ ମହାଲିକ)

ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ଓ ଲାୟନ୍ସ କ୍ଲବ ବ୍ରହ୍ମପୁର ପକ୍ଷରୁ ଶନିବାର ଗୋପାଳପୁର ଜରା ନିବାସଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଦସ୍ୟ ଶ୍ୟାମା ପ୍ରସାଦ ପାଢୀଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚର ସଭାପତି ରାଧାଚରଣ ନାୟକ ପୌରୋହିତ୍ୟ କରିଥିଲେ। ଲାୟନ୍ସ କ୍ଲବ ସଭାନେତ୍ରୀ ଡ. ପୁଷ୍ପାଞ୍ଜଳି ପଡାଳ ଅତିଥି ରୂପେ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲବ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଜରା ନିବାସ ସମାଜ ସେବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବାରୁ ମଞ୍ଚ ପକ୍ଷରୁ ପ୍ରଶଂସା କରାଯାଇଥିଲା। ମଞ୍ଚର ସମ୍ପାଦକ ରଜନୀକାନ୍ତ ମଣ୍ଡଳ ଓ କୋଷାଧ୍ୟକ୍ଷ ଲଡୁକେଶ ମିଶ୍ର, ଜରା ନିବାସ ସୁପରିନଟେଣ୍ଡେଣ୍ଟ ସାବିତ୍ରୀ ଦେବତା, ସୁରକ୍ଷା ମଂଚର ଉପଦେଷ୍ଟା ତଥା ଲାୟନ୍ସ କ୍ଲବ କୋଷାଧ୍ୟକ୍ଷ ସ୍ୱର୍ଣ୍ଣପ୍ରଭା ମିଶ୍ରଙ୍କ ସମେତ ମଞ୍ଜୁଳା ପାଢି ଓ ସବିତା କୁମାରୀ ସାହୁ ଏବଂ ମଂଚର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଯକ୍ଷ୍ମା ଓ ଏଚ୍ଆଇଭି ସମ୍ପର୍କିତ ସଚେତନତା



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ମେୟର ଓ ଅନ୍ୟମାନେ।

ବ୍ରହ୍ମପୁର,୬।୧
(ସ୍ମୃତି ରଞ୍ଜନ ମହାଲିକ)

ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଶନିବାର ବ୍ରହ୍ମପୁର ମହାନଗର ନିଗମ (ବିଏମସି) ନୂତନ ସମ୍ମିଳନୀ କକ୍ଷରେ ଏଚଆଇଭି ଏଡ୍ସ ଓ ଯକ୍ଷ୍ମା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଏମସି ମେୟର ସଂଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯକ୍ଷ୍ମା ଓ ଏଚ୍ଆଇଭି ବିଭାଗର ନୋଡାଲ ଅଫିସର ଡା. ଅବନୀ କୁମାର ପାତ୍ର ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କହିଥିଲେ। ଏଡ୍ସ ସେଲ ଜିଲା ପ୍ରକଳ୍ପ ଅଧିକାରୀ ହେମନ୍ତ କୁମାର ଦାଶ ଏଚ୍ଆଇଭିର କାରଣ ଓ ନିରାକରଣ ସମ୍ପର୍କରେ କହିଥିଲେ। ଯକ୍ଷ୍ମା ଓ ଏଚଆଇଭି ସଂକ୍ରମିତ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ କିଭଳି ପାଇପାରିବେ ସେଥିପ୍ରତି ଯତ୍ନବାନ ହେବାକୁ ଉପସ୍ଥିତ ଜନ ପ୍ରତିନିଧିଙ୍କୁ ପରାମର୍ଶ ଦିଆଯାଇଥିଲା। ମେୟର କହିଥିଲେ ଯେ, ପ୍ରତି ୱାର୍ଡରେ ଥିବା ଗୋଷ୍ଠୀ କେନ୍ଦ୍ର ଗୁଡିକରେ ବିଭାଗ ପକ୍ଷରୁ ୱାର୍ଡ କର୍ପୋରେଟରଙ୍କ ଉପସ୍ଥିତିରେ ସଚେତନତା ସୃଷ୍ଟି କରାଯିବା ଦରକାର। ଯକ୍ଷ୍ମା ବିଭାଗ ସଂଯୋଜକ ବିଦେଶୀ ଜେନା ଯକ୍ଷ୍ମାର ଲକ୍ଷଣ ଓ ଚିକିତ୍ସା ସମ୍ପର୍କରେ କହିଥିଲେ। ଯକ୍ଷ୍ମା ବିଭାଗର ମେଡିକାଲ ଅଫିସର ଡା. ଗୀତମୟ ପଟ୍ଟନାୟକ ଯକ୍ଷ୍ମା ରୋଗ ସମ୍ପର୍କରେ କହିଥିଲେ। ସହରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ କୁମାର ପଣ୍ଡା କହିଥିଲେ ଯେ, ଏଚଆଇଭି ଓ ଯକ୍ଷ୍ମା ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇଛି। ଆଗାମୀ ଦିନରେ ସଂକ୍ରମଣ ସଂଖ୍ୟା ସଂପୂର୍ଣ୍ଣ ହ୍ରାସ ପାଇବ। ଏଡସ ସେଲର ସନ୍ତୋଷ କୁମାର ରାଜୁ, ଯକ୍ଷ୍ମା ବିଭାଗର ପି. ଉର୍ମିଳା ଓ ପ୍ରଣତୀ ସାହୁ ସହଯୋଗ କରିଥିଲେ। ଯକ୍ଷ୍ମା ବିଭାଗର ସୁଧୀର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମହାନଗରରେ ଗୋପାଳପୁର ବିଜେଡି ସଂଗଠନ
# ୬ ୱାର୍ଡରେ ଗଠନ ହେଲା ଶଙ୍ଖ ଦଳ କମିଟି

ବ୍ରହ୍ମପୁର,୬।୧(ନରସିଂହ ସାହୁ)

ବ୍ରହ୍ମପୁର ମହାନଗରର ୩୭ ରୁ ୪୨ ଏହି ୬ ୱାର୍ଡ ଗୋପାଳପୁର ବିଧାନସଭା କ୍ଷେତ୍ର ଅନ୍ତର୍ଭୁକ୍ତ। ଆଗାମୀ ସାଧାରଣ ନିର୍ବାଚନ ନିକଟତର ହୋଇଥିବାରୁ ଏହି ୱାର୍ଡଗୁଡ଼ିକର ବିଜେଡି ସଂଗଠନକୁ ଅଧିକ ସୁଦୃଢ଼ ପାଇଁ ପଦକ୍ଷେପ ନିଆଯାଇଛି। ୨୦୨୨ ପୌର ନିର୍ବାଚନରେ ୩୭ ଓ ୩୯ ନଂ ୱାର୍ଡ ଭାଜପା ଦଖଲକୁ ଯାଇଥିଲା। ତେଣୁ ସାଧାରଣ ନିର୍ବାଚନରେ ଛଡ଼ାଇ ଆଣିବାକୁ ବିଜେଡି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି। ସେହି ନିର୍ବାଚନ ମଣ୍ଡଳୀର ଦାୟିତ୍ୱ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡାଙ୍କୁ ଶଙ୍ଖ ଦଳ ମୁଖିଆ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ନ୍ୟସ୍ତ କରାଯାଇଛି। ତେଣୁ ପଣ୍ଡା କସରତ ଆରମ୍ଭ କରି ଦେଇଛନ୍ତି। ଶନିବାର ଅପରାହ୍ନରେ ଲାଞ୍ଜିପଲ୍ଲୀ ୩୮ ଏବଂ ଶିକ୍ଷାଞ୍ଚଳ ୩୯ନଂ ୱାର୍ଡରେ କର୍ମୀ ସମାବେଶ ହୋଇଥିଲା। ଏହି ଅବସରରେ ୱାର୍ଡ କମିଟି କର୍ମକର୍ତ୍ତା ଘୋଷଣା କରାଯାଇଥିଲା। ପ୍ରତ୍ୟେକ ୱାର୍ଡ ପାଇଁ ୨୧ ଜଣ ଲେଖାଏଁ ବରିଷ୍ଠ, ଯୁବ ଓ ମହିଳା କର୍ମକର୍ତ୍ତାଙ୍କ ନାମ ଘୋଷଣା ହୋଇଥିଲା। କାର୍ଯ୍ୟକ୍ରମରେ ମହାନଗର ବିଜେଡି ସଂଗଠନ ସଭାପତି ବିଜୟ ସାମଲ, ଯୁବ ସଂଗଠନ ସଭାପତି ଅଜିତ ପଣ୍ଡା, ମହିଳା ସଂଗଠନ ସଭାନେତ୍ରୀ ସୋନାଲି ଗନ୍ତାୟତ ଯୋଗଦେଇ ଉପସ୍ଥିତ କର୍ମୀଙ୍କୁ ନିର୍ବାଚନୀ ରଣନୀତି ନେଇ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ଉପସଭାପତି ଭଗବାନ ଗନ୍ତାୟତ, ବରିଷ୍ଠ ନେତା ଜଗନ୍ନାଥ ସାବତ, କର୍ପୋରେଟର ସ୍ୱର୍ଣ୍ଣଲତା ସାବତଙ୍କ ସମେତ ପୂର୍ବତନ ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକ, ଦଳର ନେତା ଉମା ଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଶୁକ୍ରବାର ୪୦, ୪୧ ଓ ୪୨ନଂ ୱାର୍ଡରେ ଅନୁରୂପ କାର୍ଯ୍ୟକ୍ରମ ହୋଇଥିଲା। ଡେପୁଟି ମେୟର ବିବେକ ରେଡ଼ି, କର୍ପୋରେଟର ମଳୟ ବିଶୋଇ ଓ ଅନ୍ୟମାନେ ଯୋଗ ଦେଇଥିଲେ। ବିରୋଧୀଙ୍କ ଅପପ୍ରଚାରର ଜବାବ ଦେବା, ବିଜେଡି ସରକାରଙ୍କ ୨୩ ବର୍ଷର ଶାସନରେ ହୋଇଥିବା ବହୁମୁଖୀ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଘରକୁ ଘର ବୁଲି ଅଞ୍ଚଳବାସୀଙ୍କୁ ସଚେତନ କରାଇବାକୁ କର୍ମୀଙ୍କୁ ପରାମର୍ଶ ଦିଆଯାଇଥିଲା। ଘରେଘରେ ଶଙ୍ଖ କାର୍ଯ୍ୟକ୍ରମକୁ ବ୍ୟାପକ ପାଇଁ ଆହ୍ୱାନ ଦିଆଯାଇଥିଲା। ଏବେ ଶଙ୍ଖ ଓ ପଦ୍ମ ଦଳ ମଧ୍ୟରେ ନିର୍ବାଚନୀ ପ୍ରଚାରକୁ ଜୋର ଦିଆଯାଇଛି। ରବିବାର କେନ୍ଦ୍ର ମତ୍ସ୍ୟ ମନ୍ତ୍ରଣାଳୟ ମନ୍ତ୍ରୀ ଗଞ୍ଜାମ ଜିଲା ଗସ୍ତରେ ଆସି ମୁଖ୍ୟତଃ ଶତାଧିକ ମତ୍ସ୍ୟଜୀବୀଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି।

ସତ୍ୟମେବ ଜୟତେ
ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ
ଭାରତ ସରକାର

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ
ବର୍ଷ ୨୦୨୩-୨୪ ପାଇଁ ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କ ନିମନ୍ତେ ମାଟ୍ରିକୋତ୍ତର ଛାତ୍ରବୃତ୍ତି ଯୋଜନା
ଅଧୀନରେ ଉଚ୍ଚ ଶିକ୍ଷାରେ ଅଧ୍ୟୟନ କରିବା ସକାଶେ
ଅନୁସୂଚିତ ଜାତିର ୬୯ ଲକ୍ଷ ଛାତ୍ରଛାତ୍ରୀଙ୍କ ଲାଗି ଛାତ୍ରବୃତ୍ତି
ସମ୍ପର୍କରେ ଘୋଷଣା କରୁଛନ୍ତି

ଯୋଗ୍ୟତା
- ପିତାମାତା/ ଅଭିଭାବକଙ୍କ ବାର୍ଷିକ ଆୟ ୨.୫୦ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ
- ସ୍ୱୀକୃତିପ୍ରାପ୍ତ ମହାବିଦ୍ୟାଳୟ/ ବିଦ୍ୟାଳୟ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀ

ପରିସର
- ଏକାଦଶ ଶ୍ରେଣୀ ପରବର୍ତ୍ତୀ ସମସ୍ତ ସ୍ୱୀକୃତିପ୍ରାପ୍ତ ପାଠ୍ୟକ୍ରମ
- ଦରଖାସ୍ତଗୁଡ଼ିକୁ ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ଦ୍ୱାରା ଗ୍ରହଣ ତଥା ଯାଞ୍ଚ କରାଯାଇଥାଏ
- ସବୁଠାରୁ ଗରିବ ପରିବାରଙ୍କୁ ପ୍ରାଥମିକତା

ହକ୍‌ଦାରିତା
- ବାଧ୍ୟତାମୂଳକ ଅଣ–ଫେରସ୍ତଯୋଗ୍ୟ ଦେୟ (ଟ୍ୟୁଶନ ଫି' ସମେତ)
- ଶିକ୍ଷାଗତ ଭତ୍ତାର ପରିମାଣ ବାର୍ଷିକ ₹୨୫୦୦ ରୁ ଟ.୧୩୫୦୦ ପର୍ଯ୍ୟନ୍ତ
- ଦିବ୍ୟାଙ୍ଗ (ଭିନ୍ନକ୍ଷମ) ଛାତ୍ରଛାତ୍ରୀଙ୍କ ପାଇଁ ୧୦% ଅତିରିକ୍ତ ଭତ୍ତା

- ଛାତ୍ରଛାତ୍ରୀମାନେ ସେମାନଙ୍କ ରାଜ୍ୟର ସ୍କଲାରଶିପ୍ ପୋର୍ଟାଲରେ ଆବେଦନ କରିବେ
- ଛାତ୍ରଛାତ୍ରୀମାନଙ୍କ ନିକଟରେ ଏକ ବୈଧ ମୋବାଇଲ ନମ୍ବର, ଆଧାର ନମ୍ବର (ୟୁଆଇଡି), ଆଧାର ସଂଯୁକ୍ତ ବ୍ୟାଙ୍କ ଖାତା, ଆୟ ପ୍ରମାଣପତ୍ର ଏବଂ ଜାତିଗତ ପ୍ରମାଣପତ୍ର ରହିଥିବା ଆବଶ୍ୟକ ।

- ଯୋଜନାର ମାର୍ଗଦର୍ଶିକା ଏବଂ ସବିଶେଷ ଯୋଗ୍ୟତା ମାନଦଣ୍ଡ ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ଉପଲବ୍ଧ
http://socialjustice.gov.in/schemes/25
cbc 38101/11/0057/2324

**ବରିଷ୍ଠ ଆଇନଜୀବୀ ବିଜୟଙ୍କ ବିୟୋଗ**

ବୁଗୁଡ଼ା, (କାଳିଚରଣ ଦାଶ) ବୁଗୁଡ଼ା ଅଞ୍ଚଳର ଜଣାଶୁଣା ବରିଷ୍ଠ ଆଇନଜୀବୀ ବିଜୟ କୁମାର ଜେନା(୭୬)ଙ୍କ ଶୁକ୍ରବାର ବିୟୋଗ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ଶାରୀରିକ ଅସୁସ୍ଥତା ଯୋଗୁ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଦୀର୍ଘ ଦିନ ଧରି ଭଞ୍ଜନଗର କୋର୍ଟରେ ସରକାରୀ ଓକିଲ ଭାବେ କାର୍ଯ୍ୟ କରିଥିଲେ।



## ସଂକ୍ଷେପରେ

### ଦିଗପହଣ୍ଡିରେ କିଶୋରୀ ମେଳା

ଦିଗପହଣ୍ଡି,୬ା୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକର ବିଭିନ୍ନ ପଞ୍ଚାୟତରେ ଶନିବାର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ କିଶୋରୀ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଇଠଖଣ୍ଡି ପଞ୍ଚାୟତ କାର୍ଯ୍ୟାଳୟରେ ସିଡିପିଓ ପୁଷ୍ପାଞ୍ଜଳୀ ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ମନୋରଞ୍ଜନ ଗୌଡ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କିଶୋରୀ ବାଳିକାମାନଙ୍କ ଉନ୍ନତ ଶିକ୍ଷା ବ୍ୟବସ୍ଥା, ପୃଷ୍ଟିକର ଖାଦ୍ୟ, ସ୍ୱାସ୍ଥ୍ୟ ଉପରେ ବିଶେଷ ଆଲୋକପାତ କରାଯାଇଥିଲା। ଅଙ୍ଗନୱାଡି ସୁପରଭାଇଜର ବାସନ୍ତୀ ଦେବୀ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସିଏଚ୍‌ଓ ପ୍ରଭାତ ସାହୁ, ଏଏନ୍‌ଏମ୍ ଅପସରା ଗୌଡ଼ଙ୍କ ସମେତ ସମସ୍ତ ଅଙ୍ଗନୱାଡ଼ି, ଆଶାକର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ପଦ୍ମନାଭପୁର, କରପଡା, ବମକୋଇ, ଗୌଡଗାଁ, ଫାସିଗୁଡା ପଞ୍ଚାୟତରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

### ଶ୍ରୀମନ୍ଦିର ପରିକ୍ରମା ଦର୍ଶନ ନେଇ ବ୍ଲକ ପ୍ରଶାସନର ବୈଠକ

ଶେରଗଡ଼, ୬ା୧(ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ ବ୍ଲକରୁ ଶ୍ରୀମନ୍ଦିର ପରିକ୍ରମା ଦର୍ଶନ କରିବାକୁ ପ୍ରତି ପଞ୍ଚାୟତରୁ ୨୦ ଜଣ ଲେଖାଏଁ ଯିବେ। ଏଥିନିମନ୍ତେ ଶନିବାର ଅଲାରିଗଡସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶିବାଶିଷ ବରାଳ ଓ ତହସିଲଦାର ତ୍ରିଦେବ ରଥଙ୍କ ସଂଯୋଜନାରେ ବୈଠକ ଅନୁଷ୍ଠିତ ହୋଇଥିଲା। ହିଞ୍ଜଳି ନିର୍ବାଚନ ମଣ୍ଡଳୀରୁ ପ୍ରାୟ ୧୦୦୦ ଜଣ ପରିକ୍ରମା ପକଳ୍ପ ଦର୍ଶନ କରିବେ। ଉକ୍ତ ବୈଠକରେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ହୀନ ବେହେରା, ଦିଗାମ୍ବର ନାହାକ, କାହ୍ନୁଚରଣ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ନିବେଦିତା ପ୍ରଧାନ, ତାକରଡା ସରପଞ୍ଚ ରାଜେନ୍ଦ୍ର ସେଠୀ, ଶେରଗଡ ସମିତିସଭ୍ୟ ସବିତାରାଣୀ ଚୌଧୁରୀ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ମାନେ ଯୋଗ ଦେଇଥିଲେ।

### ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ

ଦାରିଙ୍ଗବାଡ଼ି,୬ା୧,(ଅରୁଣ ସାହୁ)

ଯୁବ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ଦାରିଙ୍ଗବାଡ଼ି ବ୍ଲକ ସ୍ତରୀୟ କ୍ରୀଡ଼ ଉତ୍ସବ ଆଇଟିଆଇ ପଡ଼ିଆଠାରେ ଉଦ୍‌ଘାଟିତ ହୋଇଛି। ବିଡ଼ିଓ ଗଦାଧର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ୬ ଗୋଟି ଖେଳ ଯଥା କବାଡ଼ି, ଖୋଖୋ, ହସ୍ତ ପେଣ୍ଡୁ, ଫୁଟବଲ, ହକି ଓ କ୍ରିକେଟ ଖେଳ ପ୍ରତିଯୋଗିତା ହେଉଥିବା ବେଳେ ୧୪ ତାରିଖରେ ଏହାର ଉଦ୍‌ଯାପନୀ କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ଲକ ମଙ୍ଗଳ ଅଧିକାରୀ ବିଶ୍ୱଜିତ ଜାଲି, ବ୍ଲକ ଯୋଗାଣ ନିରୀକ୍ଷକ ନିହାର ରଞ୍ଜନ ବେହେରା, ବରିଷ୍ଠ ପିଇଟି ଶିକ୍ଷକ ରବୀନ୍ଦ୍ର ହୋତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସିମନବାଡ଼ି ପିଇଟି ଶିକ୍ଷକ ସାମନ୍ତ ପ୍ରଧାନ ପରିଚାଳନା କରିଥିବା ବେଳେ ବ୍ଲକ ଅଞ୍ଚଳର ସମସ୍ତ ପିଇଟି ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଦିବ୍ୟାଙ୍ଗ,ଗରିବଙ୍କୁ ଚପଲ ବଣ୍ଟନ

ରମ୍ଭା,୬ା୧(ବନବାସୀ ସେଠୀ)

ଡ.ଏପିଜେ ଅବ୍‌ଦୁଲ କଲାମ ଚାରିଟେବୁଲ ଟ୍ରଷ୍ଟ ଖଲ୍ଲିକୋଟର ଜନହିତକର କାର୍ଯ୍ୟ କନିଷି ପାଲୁର ହିଲ୍‌ରେ ଅବସ୍ଥିତ ମିଶନ ଆଶ୍ରା (ପରିଶ୍ରମ) ପରିସରରେ ୧୦୪ ଭିନ୍ନକ୍ଷମ ଓ ଗରିବ ଜନସାଧାରଣଙ୍କୁ ଚପଲ ବଣ୍ଟନ କରାଯାଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା, ମହିଳା ବିଜେଡି ସଭାପତି ମିତାଞ୍ଜଳି ମିଶ୍ର, କବୟିତ୍ରୀ ଅଞ୍ଜନା ବେହେରା, ଭାଗ୍ୟଲତା ସାହୁ, ଲକ୍ଷ୍ମୀ ପ୍ରଧାନ, ଅଜିତ କୁମାର ଭାର୍ଗବ ଏବଂ ସମସ୍ତ ସଭ୍ୟ, ସମାଜସେବୀଙ୍କ ସହଯୋଗରେ ଚପଲ ବଣ୍ଟନ କରାଯାଇଥିଲା। ଏନ୍‌ଜିଓ ମାମିର ସଦସ୍ୟ ସାଧନ ବେହେରା, ନିରଞ୍ଜନ ସାହୁ, ଦିବ୍ୟଲୋଚନ ସାହୁ, ମମତା ଦେବୀ ସୋନାରୀ, ଲିକିତା, ମାଳତୀ, ନଳିନୀ, ସଂଯୁକ୍ତା, ଫକୀର, ହୃଦାନନ୍ଦ, ନିବେଦିତା ପ୍ରମୁଖ ସହଯୋଗ କରିଥିଲେ।

# ଅବସରପ୍ରାପ୍ତ ଡ୍ରଗ୍ସ ଇନ୍ସପେକ୍ଟରଙ୍କୁ ୨ ବର୍ଷ ଜେଲ

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

ବ୍ରହ୍ମପୁର ,୬ା୧ (ସୁବାସ ଚନ୍ଦ୍ର ପାଢ଼ୀ)

ଏକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ବିଚାର କରି ୨୧ବର୍ଷ ପରେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡା. ଅରୁଣ କୁମାର ସାହୁ ଶନିବାର ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ତଥା ତତ୍କାଳୀନ ଛତ୍ରପୁରର ଡ୍ରଗ୍ସ ଇନ୍ସପେକ୍ଟର ରବି ଚନ୍ଦ୍ର ପଣ୍ଡାଙ୍କୁ ୨ ବର୍ଷ ଜେଲ ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୩ ମାସ ସଶ୍ରମ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଛତ୍ରପୁରରେ ରବି ଚନ୍ଦ୍ର ପଣ୍ଡା ଡ୍ରଗ୍ସ ଇନ୍ସପେକ୍ଟର ଭାବେ କାମ କରୁଥିଲେ। ୨୦୦୨ ଡିସେମ୍ବର ୨୬ରେ ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଟିମ ତାଙ୍କ ପୈତୃକ ବାସଭବନ ସୋନପୁରର ଅରିଗାଁ ଓ ବ୍ରହ୍ମପୁରସ୍ଥିତ ଭଡା ଘରେ ଚଢ଼ାଉ କରିଥିଲା। ଆକଳନ ପରେ ତାଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ୨୨ଲକ୍ଷ ୨୧ ହଜାର ୫୪୫ ଟଙ୍କା ହୋଇଥିଲା। ଯାହାର ହିସାବ ସେ ଭିଜିଲାନ୍ସ ବିଭାଗରେ ଦେଇ ପାରିନଥିଲେ। ତାଙ୍କ ବିରୋଧରେ ନଂ.୫୪।୦୨ରେ ଏକ ମାମଲା ହୋଇଥିଲା। ପରେ ତଦନ୍ତକାରୀ ତଥା ତତ୍କାଳୀନ ଡିଏସପି ସନ୍ତୋଷ କୁମାର ମିଶ୍ର କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ରବି ପଣ୍ଡାଙ୍କ ଆୟ ବହିର୍ଭୂତ ସମ୍ପତ୍ତି ୧୬ଲକ୍ଷ ୧୨ ହଜାର ୮୮୧ ଟଙ୍କା ହୋଇଥିଲା। ଯାହାକି ଅଭିଯୁକ୍ତଙ୍କ ଆୟର ଶତକଡା ୬୨ ପ୍ରତିଶତ ଅଧିକ ରହିଥିଲା। ସେହିପରି ରାୟ ପ୍ରକାଶ ବେଳେ ଅଭିଯୁକ୍ତ ଡ୍ରଗ୍ସ ଇନ୍ସପେକ୍ଟର କୋର୍ଟରେ ହାଜର ହୋଇଥିଲେ। ୨୨ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇଥିଲା। ସାକ୍ଷୀମାନଙ୍କ ବୟାନକୁ ଆଧାର କରି ପ୍ରମାଣ ମିଳିଥିବାରୁ ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅବସରପ୍ରାପ୍ତ ଡ୍ରଗ୍ସ ଇନ୍ସପେକ୍ଟରଙ୍କ ପେନସନ ବନ୍ଦ କରିବା ପାଇଁ ଭିଜିଲାନ୍ସ ବିଭାଗ ପକ୍ଷରୁ ସରକାରଙ୍କୁ ସୁପାରିସ କରାଯାଇଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

# ଦୃଷ୍ଟିବାଧିତଙ୍କୁ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା,୬ା୧(ସୁରେନ୍ଦ୍ର ନାଥ ସାହୁ)

ବିଶ୍ୱରେ ଦୃଷ୍ଟିବାଧିତଙ୍କ ଲାଗି ବ୍ରେଲ ଲିପିର ଉଦ୍‌ଭାବକ ଲୁଇସ ବ୍ରେଲଙ୍କ ୧୭୨ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆସିକା ଟାଉନହଲ ପରିସରରେ ଜିଲାର ଶତାଧିକ ଦୃଷ୍ଟିବାଧିତଙ୍କ ଲାଗି ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗଞ୍ଜାମ ଜିଲା ବିଜେଡି ଉପସଭାପତି ତଥା ଆଇନଜୀବୀ ଦିଲ୍ଲୀପ ପାଣିଗ୍ରାହୀଙ୍କ ପକ୍ଷରୁ ଟାଉନହଲ ଆଥେଲେଟିକ ଆସୋସିଏସନ ଓ ପାତାଳି ଯୋଗ ସମିତି ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦିଲ୍ଲୀପ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଆସିକା ଏମ୍.ପି. ପ୍ରମିଳା ବିଷୋୟୀ ଏବଂ ସମ୍ମାନିତ ଅତିଥି ରୂପେ ବିଧାୟିକା ମଞ୍ଜୁଳା ସ୍ୱାଇଁ ଯୋଗଦେଇଥିଲେ । ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଗାୟତ୍ରୀଦତ୍ତ ନାୟକ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବରିଷ୍ଠ ଯୁବନେତା ଭଗବାନ ସାହୁ, ଶିବ ନାହାକ, ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ନାହାକ, ଏନ୍‌ଏସି ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, ମାନବ ସେବା ସମିତିର କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଜିଲାର ବିଭିନ୍ନ ପ୍ରାନ୍ତରୁ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶତାଧିକ ଦୃଷ୍ଟିବାଧିତଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ପୂର୍ବକ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଟାଉନହଲ ଆଥେଲେଟିକ ଆସୋସିଏସନର ସମ୍ପାଦକ ତାରିଣୀ ସେନାପତି, ରଶ୍ମିତା ସେନାପତି, ଏଡଭୋକେଟ ବିଦେଶୀ ନାହାକ, ନାରାୟଣ ମୁନି, ଶରତେନ୍ଦୁ ପଣ୍ଡା, ରାଜେଶ ପଟ୍ଟନାୟକ, ମନୋଜ ଦୋରା ପ୍ରମୁଖ ସାମିଲ ଥିଲେ।

# ନାଟକ 'ଅମୁହାଁ ଗଳି' ମଞ୍ଚସ୍ଥ

ବ୍ରହ୍ମପୁର,୬ା୧(ସ୍ମୃତିରଞ୍ଜନ ମହାଲିକ):

ହିଲପାଟଣା ସଂସ୍କୃତି ଭବନ ପରିସରରେ ଦକ୍ଷିଣ ଓଡିଶା ନାଟକ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଶନିବାର ନାଟକ ଅମୁହାଁ ଗଳି ମଞ୍ଚସ୍ଥ ହୋଇଛି। ପୁରୀ କଳିଙ୍ଗ କଳାକାର ନାଟ୍ୟ ସଂସ୍ଥା ପକ୍ଷରୁ ଉକ୍ତ ନାଟକଟି ପରିବେଶଣ ହୋଇଥିଲା। ପ୍ରଦୀପ କୁମାର ପ୍ରଧାନଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକରେ ଅଞ୍ଜନ କୁମାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ବର୍ତ୍ତମାନ ସମୟରେ ଯୁବ ଗୋଷ୍ଠୀ କିଛି ପ୍ରଲୋଭନ ଓ ଭାବ ପ୍ରବଣତାର ବଶବର୍ତ୍ତୀ ହୋଇ ଅମୁହାଁ ଗଳିରେ ପାଦ ଦିଅନ୍ତି। ସତ ଚେଷ୍ଟା ପରେ ବି ସେମାନେ ଆଉ ପଛକୁ ଫେରି ପାରନ୍ତି ନାହିଁ। ଫଳରେ ମାତାପିତାଙ୍କ ସ୍ୱପ୍ନ ଧୂଳିସାତ ହୁଏ। ଏଭଳି କିଛି କଥାବସ୍ତୁକୁ ନେଇ ନାଟକରେ ପରିବେଶଣ ହୋଇଛି। ନାଟକରେ ସମୀର, ଦିଲୀପ, ଦେବୀ ପ୍ରସାଦ, ବିକାଶ, ସନ୍ଦୀପ ଓ ତପସ୍ୱିନୀ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ନାଟକ ପୂର୍ବରୁ ଆୟୋଜିତ ଏକ ସଭାରେ ଜିଲା ମଂଚ କଳାକାର ସମ୍ମିଳନୀର ଆବାହକ ଭବାନୀ ଶଙ୍କର ମିଶ୍ର ସଭାପତିତ୍ୱ କରିଥିଲେ। ଅତିଥି ରୂପେ ନାଟ୍ୟକାର ସୁରେନ୍ଦ୍ର ଜେନା, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଇଂ ରାଜେଶ ରେଡ଼ି, ନାଟ୍ୟବିତ୍ତ ରବି ନାରାୟଣ ବେହେରା, ଗୋବିନ୍ଦ ଚନ୍ଦ୍ର ମହାନ୍ତି, କେ. କୃଷ୍ଣ ମୂର୍ତ୍ତି, ସମ୍ମିଳନୀର ସଭାପତି କେ. ବଳରାମ ଦାସ ଓ ସାଧାରଣ ସମ୍ପାଦକ ରମେଶ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କୈଳାସ ପାଣିଗ୍ରାହୀଙ୍କୁ ଦୁର୍ଗା ଆଚାରୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ମିଳନୀ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ରାଜ ଗୋପାଳ ପାଢି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନୀର କାର୍ଯ୍ୟକାରୀ ସଭାପତି ବିଚିତ୍ରା ନନ୍ଦ ଦେବର୍ତ୍ତା, ଉପସଭାନେତ୍ରୀ କିରଣବାଳା ମିଶ୍ର ଓ ଟି ଆପା ରାଓ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ନାଟକ 'ଅମୁହାଁ ଗଳି'ର ଏକ ଦୃଶ୍ୟରେ କଳାକାରମାନେ ଅଭିନୟ କରୁଛନ୍ତି।

### ସଡ଼କ ସୁରକ୍ଷା ସପ୍ତାହ ପାଳିତ

କ.ନୂଆଗାଁ,୬ା୧(କାଳି ପ୍ରସାଦ ତ୍ରିପାଠୀ)

କନ୍ଧମାଳ ଜିଲା ନୂଆଗାଁରେ ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। କ.ନୂଆଗାଁ ଥାନା ଅଧିକାରୀ କୁମାର ମୁଦୁଲିଙ୍କ ନେତୃତ୍ୱରେ ଦୁଇଚକିଆ ମୋଟରଯାନର ଚାଳକ ଓ ପଛରେ ବସିଥିବା ବ୍ୟକ୍ତି ହେଲ୍‌ମେଟ ବ୍ୟବହାର କରିବା ପାଇଁ ଚାଳକମାନଙ୍କୁ ବୁଝାଇଥିଲେ। ଏଥିସହ ସେମାନଙ୍କୁ ଗୋଲାପ ଫୁଲ ପ୍ରଦାନ କରୁଥିଲେ।

**ହିଞ୍ଜିଳିକାଟୁ(ଦ୍ୱିତୀକୃଷ୍ଣ ପଣ୍ଡା):** ହିଞ୍ଜିଳିକାଟୁ ଠାରେ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଟ୍ରାଫିକ୍ ନିରୀକ୍ଷକ ନଳିନୀକାନ୍ତ ଚିନାରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଗଞ୍ଜାମ ଜିଲା ଛତ୍ରପୁର ଆଞ୍ଚଳିକ ପରିବହନ ବିଭାଗୀୟ ଅଧିକାରୀ ମାନସ ରଞ୍ଜନ ସାହୁ, ମୋଟର ପରିବହନ ଅଧିକାରୀ ରବୀନ୍ଦ୍ରନାଥ ଜେନା, ସହକାରୀ ଏମ୍‌ଭିଆଇ ରତିକାନ୍ତ ନାହାକ, ହିଞ୍ଜିଳି ଏସ୍‌ଆଇ ସିଦ୍ଧାର୍ଥ ଜେନା, ଏଏସ୍‌ଆଇ କାଳିଚରଣ ସ୍ୱାଇଁ, ମନୋଜ ସେନାପତି ପ୍ରମୁଖ ଯୋଗଦେଇଥିଲେ। ବସ୍ ଟର୍ମିନାଲ ପରିସରରେ ସଡ଼କ ସୁରକ୍ଷା ସମ୍ପର୍କିତ ପଥପ୍ରାନ୍ତ ନାଟକ ପରିବେଷଣ ହୋଇଥିଲା। ପରେ ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପ ପରିସରରେ ଏକ ସଚେତନତା ସଭାର ଆୟୋଜନ କରାଯାଇ ୫୩ ଜଣ ଚାଳକଙ୍କ ଚକ୍ଷୁ ପରୀକ୍ଷା କରାଯିବା ସହ କିଛି ଚାଳକଙ୍କୁ ମାଗଣା ଚଷମା ବିତରଣ କରାଯାଇଥିଲା ।

**ଜି.ଉଦୟଗିରି(ଶିଶିର ପଟ୍ଟନାୟକ)** ଜି.ଉଦୟଗିରି ସହରରେ ଗାଡ଼ି ଚଳାଚଳ ବନ୍ଦ ରହିଥିବାବେଳେ ବଜାର ଶୂନ୍‌ଶାନ ରହିଥିଲା। ଜି.ଉଦୟଗିରିରୁ ବ୍ରହ୍ମପୁର, ଭୁବନେଶ୍ୱର, ଫୁଲବାଣୀ, ବାଲିଗୁଡ଼ା ଆଦି ରୁଟ୍‌ରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ହଇରାଣ ହୋଇଥିଲେ। ବିକଳ୍ପରେ ଗୋଟିଏ ଦୁଇଟି ସରକାରୀ ବସ୍ ଚଳାଚଳରେ ପ୍ରବଳ ଗହଳି ଯୋଗୁ ଯାତ୍ରା କରି ନ ପାରି ଲୋକମାନେ ଫେରିଛନ୍ତି।

**ବାଲିଗୁଡା,(ସଞ୍ଜୟ କୁମାର ପାଣିଗ୍ରାହୀ)** ପୋଲିସ ପ୍ରଶାସନ ଦ୍ୱାରା ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଏଥିନିମନ୍ତେ ଛାତ୍ରୀଛାତ୍ରମାନଙ୍କୁ ନେଇ ସ୍ଥାନୀୟ ଆଦିବାସୀ ମହାବିଦ୍ୟାଳୟ ସମ୍ମୁଖରୁ ଏକ ଶୋଭାଯାତ୍ରାରେ ବାହାରି ହାତରେ ପ୍ଲାକାର୍ଡ ଓ ବ୍ୟାନର ଧରି ପିଡବ୍ଲୁଡି ଛକ ଦେଇ ବସ୍‌ଷ୍ଟାଣ୍ଡ ଯାଏ ଯାଇଥିଲେ । କାର୍ଯ୍ୟକ୍ରମରେ ବାଲିଗୁଡା ଥାନା ଭାରପ୍ରାପ୍ତ ଅଧିକାରୀ ଶୁଶାନ୍ତ କୁମାର ସାହୁ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ପାଇଁ ଛାତ୍ରୀଛାତ୍ରଙ୍କ ଶପଥ

ବ୍ରହ୍ମପୁର,୬ା୧ (ତନୁଶ୍ରୀ ନାହାକ)

ବ୍ରହ୍ମପୁର ସାତ୍ତ୍ୱିକ ସୋଲ୍ ଫାଉଣ୍ଡେସନ ଟିମ୍ ପକ୍ଷରୁ ଶନିବାର ନିଷ୍ଟ କଲେଜ ଠାରେ ଏନସିସି ଏବଂ ଏନ୍‌ଏସ୍‌ଏସ୍‌ର ମିଳିତ ସହଯୋଗରେ ପରିବେଶକୁ ପ୍ଲାଷ୍ଟିକ ମୁକ୍ତ ରଖିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ପି.ରାଜେଶ କୁମାର ଅଧ୍ୟକ୍ଷତା କରିଥିଲେ। ଉପାଧ୍ୟକ୍ଷ ଡ଼. ବିଷ୍ଣୁକର ନାୟକଙ୍କ ସମେତ ପ୍ରଫେସର ପ୍ରୀତି ରଞ୍ଜନ ସାହୁ, ସୟଦ ସୁଲେମାନ ଅଲି, ନିଷ୍ଟ ଛାତ୍ରୀଛାତ୍ରଙ୍କ ସହ ଅନ୍ୟାନ୍ୟ କଲେଜ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏନ୍‌ଏସ୍‌ଏସ୍ ଅଧ୍ୟକ୍ଷ ନୃସିଂହ ପ୍ରସାଦ ପାତ୍ର, ଏନସିସିର ଆଲୋକ ପାତ୍ର ଓ ଫାଉଣ୍ଡେସନର ଜିଲା ସଂଯୋଜକ ଭରତ ଗୌରବ ଦାଶ ପ୍ରମୁଖ ଉପସ୍ଥିତ ରହି ପରିବେଶକୁ ପ୍ଲାଷ୍ଟିକ ମୁକ୍ତ ରଖିବାକୁ ସଚେତନ କରାଇଥିଲେ। ଆମ ଚତୁଃପାର୍ଶ୍ୱରେ ଥିବା ପ୍ଲାଷ୍ଟିକ ଆବର୍ଜନା ପରିବେଶ ସହ ମାନବ ସମାଜ ନିମନ୍ତେ କିଭଳି କ୍ଷତିକାରକ ସେ ସମ୍ପର୍କରେ ମତ ରଖିଥିଲେ। ପରେ କଲେଜ ପରିବେଶକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଛାତ୍ରୀଛାତ୍ର ଶପଥ ନେଇଥିଲେ। ଫାଉଣ୍ଡେସନର ସଦସ୍ୟ ଶିବାନୀ ପାଢ଼ୀ, ସୌମ୍ୟ ରଞ୍ଜନ ମହାପାତ୍ର, ଭୁନା ଶ୍ରୀହରି, ଅଚ୍ୟୁତ ନାଇକ, ପ୍ରଯୁକ୍ତା ମହାପାତ୍ର, କୋଇନା ବେହେରା, ଚିନ୍ମୟୀ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।

# ଡିଜିଟାଲ ଆର୍ଟ କରି ପ୍ରଶଂସା ସାଉଁଟିଛନ୍ତି ନୀହାର

ଦାରିଙ୍ଗବାଡ଼ି,୬ା୧(ଅରୁଣ ସାହୁ)

ଦାରିଙ୍ଗବାଡ଼ି ବଜାରର ନୀହାର ରଞ୍ଜନ ସାହୁ ନିଜ ମୋବାଇଲରେ ଡିଜିଟାଲ ଆର୍ଟ କରି ଏବେ ଦାରିଙ୍ଗବାଡ଼ି ସମେତ ବିଭିନ୍ନ ସ୍ଥାନରେ ପରିଚୟ ସୃଷ୍ଟି କରିଛନ୍ତି। ପଲିଟେକ୍ନିକରେ ଡିପ୍ଲୋମା କରିବା ପରେ ସେ ରାଜ୍ୟ ବାହାରେ କାର୍ଯ୍ୟ କରୁଥିଲେ। ଏବେ ସେ ଜବ୍ ଛାଡି ଡିଜିଟାଲ ଆର୍ଟ ମାଧ୍ୟମରେ ରୋଜଗାର କରିବା ସହ ଅନ୍ୟକୁ ମଧ୍ୟ ଏହି ଆର୍ଟ ଶିଖାଇବାକୁ ଯୋଜନା କରିଛନ୍ତି। ଦାରିଙ୍ଗବାଡ଼ିର ବିଶିଷ୍ଟ ବ୍ୟବସାୟୀ ବଳରାମ ସାହୁଙ୍କ ପୁଅ ନୀହାରଙ୍କୁ ନେଇ ଅଞ୍ଚଳରେ ବହୁତ ଚର୍ଚ୍ଚା ଚାଲିଛି। ବର୍ତ୍ତମାନ ଯୁବଗୋଷ୍ଠୀ ସ୍ମାର୍ଟ ମୋବାଇଲ ବ୍ୟବହାର କରି ଅନେକ ବିଭିନ୍ନ ଡିଜିଟାଲ ଗେମ୍ ଖେଳି ସମୟ ଅତିବାହିତ କରୁଥିବା ବେଳେ ନୀହାର ଏହି ମୋବାଇଲରୁ ଅନ୍ୟ କିଛି କରି ଯୁବପିଢ଼ିଙ୍କ ପାଇଁ ରୋଲମଡେଲ ସାଜିଛନ୍ତି। ଡିଜିଟାଲ ଆର୍ଟରେ ବିଶେଷ କରି ମହାପ୍ରଭୁ ଜଗନ୍ନାଥଙ୍କ ଚିତ୍ରକୁ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ସେ ବିଭିନ୍ନ ଚିତ୍ର ବିଶେଷ କରି ବଲିଉଡ ଚଳଚ୍ଚିତ୍ର ପୁଷ୍ପରାର ପୋଷ୍ଟର କରିଥିବାରୁ ଚଳଚ୍ଚିତ୍ର ନାୟକ ସବ୍ୟସାଚୀ ତାଙ୍କ ପୋଷ୍ଟରେ ନୀହାରଙ୍କୁ ପ୍ରଶଂସା କରିଛନ୍ତି। ସେହିପରି ଇକୋ ରିଟ୍ରିଟ୍‌ଠାରୁ ଆରମ୍ଭ କରି ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ, ପ୍ରାଣୀମାନଙ୍କ ଚିତ୍ର ଆଙ୍କି ବେଶ୍ ପ୍ରଶଂସା ସାଉଁଟିଛନ୍ତି।




# ୧୪ ଏକର ଗଞ୍ଜେଇ ଚାଷ ନଷ୍ଟକଲା ପୋଲିସ

ଦାରିଙ୍ଗବାଡି,୬ା୧(ଅରୁଣ ସାହୁ)

ଦାରିଙ୍ଗବାଡି ଥାନା ପୋଲିସ ପକ୍ଷରୁ ଚଢ଼ାଉ କରି ୧୪ ଏକରରେ ହୋଇଥିବା ଗଞ୍ଜେଇ ଚାଷ କାଟି ନଷ୍ଟ କରାଯାଇଛି । ଦାରିଙ୍ଗବାଡି ଥାନା ପ୍ଲିହେରି ପଞ୍ଚାୟତ ପର୍ଯ୍ୟଟନ କ୍ଷେତ୍ର ଡୁଲୁରି ପାଇନ ବଣ ନିକଟରେ ଗଞ୍ଜେଇ ଚାଷ ହୋଇଥିଲା। ପୋଲିସ କୌଣସି ସୂତ୍ରରୁ ଖବର ପାଇ ଶନିବାର ଦାରିଙ୍ଗବାଡି ଅତିରିକ୍ତ ତହସିଲଦାର ତଥା କୃଷ୍ଣଚନ୍ଦ୍ର ନାୟକଙ୍କ ଉପସ୍ଥିତିରେ ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିଲା। ଚଢାଉରେ ଏସ୍‌ଆଇ ଜୀତେନ୍ଦ୍ର ବେହେରା, ଏଏସ୍‌ଆଇ ସୁବାସ ଚନ୍ଦ୍ର ବାଏକ,ଏସ୍.ଶ୍ରୀନିବାସ ରାଓ, ଅର୍ଜୁନ ଶବରଙ୍କ ସହ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

# ଖେମୁଣ୍ଡି ପରିବହନ ଶ୍ରମିକ ସଂଘ ପକ୍ଷରୁ ଆଲୋଚନା ସଭା

ଦିଗପହଣ୍ଡି,୬ା୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ପରିବହନ ଶ୍ରମିକ ସଂଘ ପକ୍ଷରୁ ସ୍ଥାନୀୟ ବସଷ୍ଟାଣ୍ଡ ପରିସରରେ ଶନିବାର ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଉଦୟନାଥ ମହାନ୍ତି ସଭାରେ ଅଧ୍ୟକ୍ଷତା କରିଥିଲେ। ଅଖିଳ ଭାରତ ଶ୍ରମିକ ସଂଘ ଏଆଇଟିୟୁସିର ଗଞ୍ଜାମ ଜିଲା ସାଧାରଣ ସମ୍ପାଦକ ଅଳକ ନାଥ ମିଶ୍ର ସଭାରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ନୂଆ ଭାରତୀୟ ନ୍ୟାୟ ସଂହିତାର ଦଫା – ୧୦୬(୨)ରେ ହିଟ ଆଣ୍ଡ ରନ ଘଟଣା ପାଇଁ କଠୋର ଦଣ୍ଡ ବ୍ୟବସ୍ଥାକୁ ତୀବ୍ର ସମାଲୋଚନା କରିବା ସହ ଏହି କଳା ଆଇନକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଦୁର୍ଘଟଣାରେ ସମ୍ପୃକ୍ତ ଗାଡ଼ି ଚାଳକଙ୍କୁ ୭ ଲକ୍ଷ ଜରିମାନା ଏବଂ ୧୦ ବର୍ଷ କାରାବରଣ ଆଇନ ବେଆଇନ ବୋଲି ସେ ଦର୍ଶାଇଥିଲେ। ସଂଘର ସଦସ୍ୟ ଅମୂଲ୍ୟ ନାହାକ, ଜି.ପ୍ରକାଶ ରେଡ୍ଡୀ, ଭଗବାନ ଗୌଡ଼, ସୀମାଞ୍ଚଳ ଦୋରା, କେ.ନରସିଂହ ରେଡ୍ଡୀ, ସୀମାଞ୍ଚଳ ପଟ୍ଟନାୟକ, ବିଶ୍ୱନାଥ ସେଠୀ, ଉମାଚରଣ ପାଣିଗ୍ରାହୀ, ରମେଶ ପାତ୍ର, କୁନା ଦାସ, ବାଳ କୁମାର ବେହେରା, ମନୋଜ କୁମାର ଗୌଡ଼, ଏନ୍.ପବିତ୍ର ରେଡ୍ଡୀ, ହରି ପାତ୍ର, ଜଗଦୀଶ ମହାରଣା, ସନ୍ତୋଷ ବେହେରା, ଶିବ ଶଙ୍କର ଗୌଡ଼, ପି. ମୁରଲୀ ପ୍ରଧାନ, ମହେଶ୍ୱର ପଟ୍ଟନାୟକ, ମିଟୁ ଗୌଡ଼, ବିଦ୍ୟାଧର ଗୌଡ଼, କୁନା ବେହେରା, ଶିବ ଶଙ୍କର ବେହେରା, କୃଷ୍ଣଚନ୍ଦ୍ର ସେଠୀ, ବି.ପୂର୍ଣ୍ଣଚନ୍ଦ୍ର ଦୋରା, ବାଳକୃଷ୍ଣ ପଣ୍ଡା, ସନାତନ ଚୌଧୁରୀ, ସନ୍ୟାସୀ ବେହେରା, ମିଥୁନ ଗୌଡ଼ ପ୍ରମୁଖ ଅଟୋ ଚାଳକ, ଯାତ୍ରୀବାହୀ ବସ୍ ଚାଳକ, ମିନି ବସ ଚାଳକ ଏବଂ କାର ଚାଳକ ସଭାରେ ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମୋହନାରେ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ମହମବତି ଯାତ୍ରା



ମହମବତି ଯାତ୍ରା ।

ମୋହନା,୬ା୧(ମନ୍ମଥ ମିଶ୍ର):

ଗଜପତି ଜିଲା ମୋହନା ସହରରେ ଥିବା ଚର୍ଚ୍ଚ ଠାରେ ପୂର୍ବ ବର୍ଷ ମାନଙ୍କ ଭଳି ଚଳିତ ବର୍ଷ ଜାନୁଆରୀ ୬ ତାରିଖରେ ଆଡମ୍ବର ସହ ମହମବତି ଯାତ୍ରା ଅନୁଷ୍ଠିତ ହୋଇଛି। ମହମବତୀ ଯାତ୍ରାରେ ମୋହନା ସମେତ ଅଞ୍ଚଳରେ ଥିବା ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ସମାଗମରେ ଧର୍ମ ଯାଜକମାନେ ଖ୍ରୀଷ୍ଟ ବାଣୀ ପ୍ରଚାର ସହ ସହର ପରିକ୍ରମା କରି ମିଳିତ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଧର୍ମ ଯାଜକଙ୍କ ସମେତ ଅଞ୍ଚଳରେ ଥିବା ଯାଜକମାନେ ପ୍ରଭୁ ଯୀଶୁଙ୍କ ବାଣୀ ପ୍ରଚାର କରିବା ସହ ପ୍ରଭୁଙ୍କ ଆଶ୍ରିବାଦ ଭିକ୍ଷା କରିଥିଲେ ଏବଂ ପରିବାରର ସୁଖ ଶାନ୍ତି କାମନା କରିଥିଲେ। ଏହି ଉତ୍ସବକୁ ସ୍ଥାନୀୟ ଗ୍ରାମବାସୀ ଯୁବକ ସଂଘ ସଦସ୍ୟମାନେ ପରିଚାଳନା କରିଥିଲେ। ମୋହନା ଥାନାଧିକାରୀ ବସନ୍ତ କୁମାର ସେଠୀଙ୍କ ସମେତ ସ୍ଥାନୀୟ ପୋଲିସ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ଅଞ୍ଚଳର ପ୍ରାୟ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଖ୍ରୀଷ୍ଟ ଧର୍ମାବଲମ୍ବୀ ଯାତ୍ରାରେ ଯୋଗ ଦେଇଥିଲେ।

# ସ୍ୱତନ୍ତ୍ର କିଶୋର ନ୍ୟାୟ ପୋଲିସ ୟୁନିଟର ସଦସ୍ୟଙ୍କ ଦାୟିତ୍ୱ ଓ ଭୂମିକା ଉପରେ କର୍ମଶାଳା

ପାରଳାଖେମୁଣ୍ଡି(ଗିରିଧାରୀ ପରିଚ୍ଛା):୬ା୧

ଗଜପତି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜ କିଶୋର ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ସ୍ୱତନ୍ତ୍ର କିଶୋର ନ୍ୟାୟ ପୋଲିସ ୟୁନିଟର ଦାୟିତ୍ୱ ଓ ଭୂମିକା ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନ୍ୟତମ ଅତିଥି ଭାବରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଅଶ୍ୱିନୀ କୁମାର ମହାପାତ୍ର, ସାଧନ ବ୍ୟକ୍ତି ଭାବେ ସୁବାଶ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବପ୍ରଥମେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଦାସ କହିଥିଲେ ଯେ ଯେଉଁ ଶିଶୁମାନେ ଆଇନ ସହ ଦ୍ୱନ୍ଦ୍ୱରେ ଅଛନ୍ତି ସେମାନଙ୍କୁ ଭଲ ବ୍ୟବହାର ପ୍ରଦାନ କରିବା ସହ ପ୍ରଥମେ ଶିଶୁକୁ ସରଳ ବୋଲି ମନରେ ରଖି ତାଙ୍କର କୌଣସି ଦୋଷକୁ ଜାଣି ମଧ୍ୟ ଶିଶୁଙ୍କୁ କଠୋର ବାକ୍ୟ ବ୍ୟବହାର ନକରିବା ପାଇଁ ଅନୁରୋଧ କରିବା ସହିତ ଶିଶୁର ବ୍ୟବହାରରେ ସୁଧାର ଆଣିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ।



ପୂର୍ବତନ ମୁଖ୍ୟ ନ୍ୟାୟଧୀଶ ତଥା ପୂର୍ବତନ ଶିଶୁକଲ୍ୟାଣ ସମିତି ସୁବାଷ ଚନ୍ଦ୍ର ଦାସ ପ୍ରଶିକ୍ଷକ ଭାବେ ଯୋଗଦେଇ ପୋକ୍ସୋ ଆଇନ, ବାଲ୍ୟବିବାହ, କିଶୋର ନ୍ୟାୟ, ଆଇନ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁମାନଙ୍କ ଉପରେ ପୋଲିସର ଦାୟିତ୍ୱ ଓ ଭୂମିକା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋକପାତ କରିଥିଲେ। ସେହିପରି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଯୋଗଦେଇ ପିତୃମାତୃହୀନ ଶିଶୁଙ୍କ ପାଇଁ ସରକାରଙ୍କ ତରଫରୁ ଥିବା ବିଭିନ୍ନ ଯୋଜନା ଯଥା ସ୍ପୋନସରସିପ, ବିଜୁ ଶିଶୁ ସୁରକ୍ଷା ଯୋଜନା, ବିଜୁ କନ୍ୟା ରତ୍ନ ଯୋଜନା, ବେଟି ବଚାଅ ବେଟି ପଢ଼ାଅ ଭଳି ବିଭିନ୍ନ ଯୋଜନା ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୭ଟି ଥାନାର ଅଧିକାରୀ, ଶିଶୁ ମଙ୍ଗଳ ଅଧିକାରୀ, ଶିଶୁ ମଙ୍ଗଳ ସମିତିର ସଭ୍ୟସଭ୍ୟା, କିଶୋର ନ୍ୟାୟ ପରିଷଦର ସଭ୍ୟସଭ୍ୟା, ଉତ୍କଳ ବାଳାଶ୍ରମ ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ କ୍ରୀଡ଼ା ଶିକ୍ଷକଙ୍କ ମୃତ୍ୟୁ

ବାଲିଗୁଡ଼ା,୬।୧
(ସଞ୍ଜୟ କୁମାର ପାଣିଗ୍ରାହୀ):

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ସୁଡ୍ରା ନିକଟସ୍ଥ ପତଡ଼ ଘାଟରେ ବାଇକ ଦୁର୍ଘଟଣାରେ ଜଣେ କ୍ରୀଡ଼ା ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲୁବେନଗଡ଼ ସରକାରୀ ବିଦ୍ୟାଳୟର ବିଭୁତି ପ୍ରଧାନ। ଶୁକ୍ରବାର ରାତିରେ ସୁଡ୍ରାରୁ ଟିକରବାଜୁ ରାସ୍ତା ଦେଇ ଲୁବେନଗଡ଼ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା କଡ଼ ଖାଲକୁ ଖସି ପଡ଼ିଥିଲେ। ଶନିବାର ସକାଳେ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି ପୋଲିସ୍।

### ଶିଶୁ ବିଦ୍ୟା ମନ୍ଦିରଠାରେ ପ୍ରଜ୍ଞା ଯୋଗ ଶିବିର

ପାରଳାଖେମୁଣ୍ଡି, ୬।୧
(ଗିରିଧାରୀ ପରିଚ୍ଛା):

ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରଠାରେ ଶାନ୍ତିକୁଞ୍ଜ ହରିଦ୍ୱାର ସ୍ଥିତ ଦେବ ସଂସ୍କୃତି ବିଶ୍ୱବିଦ୍ୟାଳୟର ବରିଷ୍ଠ ଛାତ୍ରମାନଙ୍କ ଦ୍ୱାରା ଦୁଇଘଣ୍ଟିଆ ପ୍ରଜ୍ଞାଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଶାଖାର ସଂଯୋଜକ ସନ୍ତୋଷ କୁମାର ଗନ୍ତାୟତଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରରେ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ହରିଦ୍ୱାରରୁ ଆସିଥିବା ଯୋଗସାଧକ ଧନଞ୍ଜୟ କୁମାର, କନ୍ହୟା ଲାଲ ଦେବାଙ୍ଗନ ଓ ଆଦିତ୍ୟ ରଞ୍ଜନ ବିଭିନ୍ନ ଯୋଗର ଶିକ୍ଷାଦେବା ସହିତ ଛାତ୍ରଛାତ୍ରୀମାନଙ୍କୁ ଅତ୍ୟାଧୁନିକ ଜୀବନଶୈଳୀ, ଫାଷ୍ଟଫୁଡ ଏବଂ ମାଦକ ଦ୍ରବ୍ୟରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମଟି ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସରୋଜ କୁମାର ପଣ୍ଡାଙ୍କ ନେତୃତ୍ୱରେ ତଥା ବିଦ୍ୟାଳୟର ଆଚାର୍ଯ୍ୟ ଦେବୀପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନ୍ୟ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହଯୋଗରେ ସଫଳ ହୋଇଥିଲା।

### କେଶପୁର ବଜାରରେ ସିରିଜ ଡକାୟତି

ଖଲ୍ଲିକୋଟ,୬।୧(ପ୍ରଶାନ୍ତ କୁମାର ମିଶ୍ର):

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କେଶପୁର ବଜାରରେ ଶୁକ୍ରବାର ବିଳମ୍ବିତ ରାତ୍ରରେ ସାତଟି ଦୋକାନରୁ ଡକାୟତି ହୋଇଛି। ଏହି ବଜାରରେ ଥିବା ଲକ୍ଷ୍ମୀ ମହାରଣାଙ୍କ ଜିମ ସେଣ୍ଟର ତାଲା ଭାଙ୍ଗି ଟେବୁଲ ଡ୍ରରରୁ ୧୩୦୦୦ ଟଙ୍କା ନେଇଥିବା ବେଳେ ୭ ଟି ପ୍ରୋଟିନ ପାଉଡର ନେଇଛନ୍ତି। ଆଉ କେତେକ ଫିଙ୍ଗାଫୋପଡା କରି ନଷ୍ଟ କରିଛନ୍ତି। ଏ ନେଇ ଲକ୍ଷ୍ମୀ ଖଲ୍ଲିକୋଟ ଥାନାରେ ଏତଲା ଦେଇଥିଲେ। ସେହିପରି ସେକ ମଜିଦଙ୍କ ଚପଲ ଦୋକାନ, ସୁବାସ ସାହୁଙ୍କ ଗାଡି ପାର୍ଟସ ଦୋକାନ, ପ୍ରଶାନ୍ତ ପଲେଇଙ୍କ ଟିଭି ଦୋକାନ, ଦେଶୀମଦ ଭାଟି, ଏପରି ୭ ଦୋକାନର ତାଲା ଭାଙ୍ଗିଥିବାର ଅଭିଯୋଗ ହୋଇଛି। ଖବର ପାଇ ଖଲ୍ଲିକୋଟ ଥାନା ଏସଆଇ ପିଙ୍କିନ ପଟ୍ଟନାୟକ, ଭେଜିପୁଟ ଫାଣ୍ଡି ଓଆଇସି ଦେବାଶିଷ ମିଶ୍ର, ଏଏସଆଇ ହରେକୃଷ୍ଣ ସାମଲ, ହାବିଲଦାର ରମେଶ କୁମାର ରାଉତ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବିଭିନ୍ନ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ। ଖୁବଶୀଘ୍ର ଅଭିଯୁକ୍ତମାନେ ଧରାପଡିବେ ବୋଲି ପୋଲିସ ପ୍ରକାଶ କରିଥିଲା।

### ହତ୍ୟା ଉଦ୍ୟମ ମାମଲା, ଅଭିଯୁକ୍ତ ଜେଲ୍ ଗଲେ

ଦିଗପହଣ୍ଡି,୬।୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ପୋଲିସ ଶନିବାର ପଦ୍ମନାଭପୁର ଗ୍ରାମର ନୀଳମାଧବ ବେହେରାଙ୍କୁ କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ.୮/୨୪ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲକୁ ପଠାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଅଭିଯୁକ୍ତ ନିଶାସକ୍ତ ଅବସ୍ଥାରେ ଶୁକ୍ରବାର ସନ୍ଧ୍ୟାରେ ଗ୍ରାମର ମନୋଜ କୁମାର ମିଶ୍ରଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଆହାତ ମନୋଜଙ୍କୁ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

# ଫିରିଙ୍ଗିଆ ଥାନା ପୋଡ଼ି ଘଟଣା, ଆଉ ୨ ଗିରଫ

## ଥାନାରୁ ଚୋରି ବାଇକ ଜବତ, ୨୬ରେ ପହଞ୍ଚିଲା ଗିରଫ ସଂଖ୍ୟା

ଫୁଲବାଣୀ, ୬।୧(ରାକେଶ କୁମାର ରାଉତ):

ବହୁ ଚର୍ଚ୍ଚିତ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ପୋଡ଼ି ଘଟଣାରେ ପୋଲିସ ଶନିବାର ଆଉ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ପାଖରୁ ଥାନାରୁ ଲୁଟ ହୋଇଥିବା ବାଇକ ଜବତ କରାଯାଇଛି। ଏହି ଘଟଣାରେ ଗିରଫ ସଂଖ୍ୟା ୨୬ରେ ପହଞ୍ଚିଛି । ଫେରାର ଥିବା ଅନ୍ୟମାନଙ୍କୁ ଗିରଫ ପାଇଁ ପୋଲିସ ପ୍ରୟାସ ଜାରି ରଖିଛି। ଗିରଫ ଦୁଇ ଜଣ ହେଲେ ରତଙ୍ଗ ପଞ୍ଚାୟତ ଜାର୍ଗିପଦରର ଲିଟୁ କହଁର, ଡଲେରପଡାର ବିକାଶ ନାୟକ।

ଥାନା ପୋଡି ଦିନ ବିକାଶ ଗାଡିକୁ ଥାନା ପରିସରରୁ ଚୋରାଇ ନେଇ ଯାଇଥିଲେ। ସେ ୧୦ ହଜାର ଟଙ୍କାରେ ଲିଟୁଙ୍କୁ ଗାଡି ବିକି ଥିଲେ। ଲିଟୁ ସବୁ ଜାଣି ଗାଡିନଂ (ଓଡି ୩୩ ଏସ ୦୮୨୧)ନେଇ ଚଳାଉଥିଲେ। ଲିଟୁଙ୍କୁ ଗିରଫ କରାଯିବା ପରେ ସେ ବିକାଶ ପାଖରୁ ଗାଡି କିଣିଥିବା କହିଥିଲେ। ସମସ୍ତ ସିସିଟିଭି ଫୁଟେଜକୁ ଆଧାର କରି ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ଡିଏସ୍‌ପି କମଳ କୁମାର ପଣ୍ଡା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ଥାନା ପୋଡି ଘଟଣାରେ ପୂର୍ବରୁ ପୋଲିସ



୨୪ ଜଣଙ୍କୁ ଗିରଫ କରିଥିଲା । ୨ ଜଣ ହୋମଗାର୍ଡଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇ ଥିବା ବେଳେ କାର୍ଯ୍ୟରତ ଫିରିଙ୍ଗିଆ ଥାନାଧିକାରୀ ତପନ କୁମାର ନାହାକଙ୍କୁ ନିଲମ୍ବିତ କରାଯାଇଥିଲା । ପୋଲିସ ଗାଡିରେ ଗଂଜେଇ ଚାଲାଣ ହେଉଥିବା ନେଇ କିଛି ଗ୍ରାମବାସୀ ଏକ ଭିଡିଓ ଫୁଟେଜ କରିଥିଲେ। ପୋଲିସ ଗଞ୍ଜେଇ ବ୍ୟବସାୟ କରୁଥିବା ନେଇ ଘଟଣା ପ୍ରଚାରିତ ହେବା ଏବଂ ଭିଡିଓ ଫୁଟେଜ ଭାଇରାଲ ହେବା ପରେ ବହୁ ଗ୍ରାମବାସୀ ଏକତ୍ରିତ ହୋଇଥିଲେ । ଗତ ଅଗଷ୍ଟ ୫ ତାରିଖରେ ସେମାନେ ଏକତ୍ରିତ ହୋଇ ଥାନାଧିକାରୀ ତପନ କୁମାର ନାହାକଙ୍କ ଗିରଫ ଦାବି କରି ଫିରିଙ୍ଗିଆ ବ୍ଲକ ଛକ ପାଖରେ ରାସ୍ତାରୋକ କରିଥିଲେ। ଉକ୍ତ ଲୋକଙ୍କୁ ବୁଝାଇବାକୁ ଯାଇ ସଦର ଏସଡିପିଓ ସୁପ୍ରଶନ୍ନ ମଲ୍ଲିକ, ତହସିଲଦାର ଏମ୍ ଅନୁରାଧା ଲୋକଙ୍କ ରୋଷର ଶୀକାର ହୋଇଥିଲେ । ଲୋକେ ଏସ୍‌ଡିପିଓ ଏବଂ ଥାନାର ଏସ୍‌ଆଇ ଜାଲିଙ୍କୁ ଗୋଡେଇ ଗୋଡେଇ ପିଟିଥିଲେ। ଏହାପରେ ଥାନା ଭିତରେ ପସି ପୋଡାଜଳା କରିଥିଲେ । ଏହି ଘଟଣାକୁ ନେଇ ୬୬ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ବେଳେ ବାକି ଅନ୍ୟାନ ୩୦୦ ଏଥିରେ ସାମିଲ ଥିବା ଏତଲାରେ ଦର୍ଶାଯାଇଥିଲା । ଥାନାରେ ୧୩୫/୨୩ରେ ମାମଲା ରୁଜୁ ହୋଇଥିଲା । ଏହି ଘଟଣାରେ ୨୮ ଜଣ ଆତ୍ମସମର୍ପଣ କରିଥିଲେ।

# ପ୍ରେସ୍‌କ୍ଲବ ଇଲେଭେନକୁ ହରାଇ ବ୍ଲକ ପ୍ରଶାସନ ବିଜୟୀ

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ

ଫିରିଙ୍ଗିଆ, ୬।୧(ବିକ୍ରମ କୁମାର ଦିଗାଲ):

ଫିରିଙ୍ଗିଆ ମିନି ଷ୍ଟାଡିୟମରେ ଫିରିଙ୍ଗିଆ ପ୍ରେସ କ୍ଲବ ଇଲେଭେନ ଓ ବ୍ଲକ ପ୍ରଶାସନ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ପ୍ରଶାସନ ୧୧ ରନ୍‌ରେ ପ୍ରେସ ଇଲେଭେନକୁ ହରାଇ ବିଜୟୀ ହୋଇଛି। ଟସ୍ ଜିତି ବ୍ଲକ ପ୍ରଶାସନ ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୧୫ ଓଭରରେ ଦଳ ୩ ଉଇକେଟ ହରାଇ ୧୬୩ ରନ କରିଥିଲା । ଏହାର ଜବାବରେ ପ୍ରେସ କ୍ଲବ ଏକାଦଶ ପଡିଆକୁ ଓହ୍ଲାଇ ଦମଦାର ବ୍ୟାଟିଂ ଆରମ୍ଭ କରିଥିଲା। ହେଲେ ଶେଷ ଭାଗରେ ଦଳ ଭଲ ପ୍ରଦର୍ଶନ କରିପାରି ନଥିଲା। ନିର୍ଦ୍ଧାରିତ ୧୫ ଓଭର ଖେଳି ୪ ଉଇକେଟ ହରାଇ ୧୫୨ ରନ କରିବାରେ ସମର୍ଥ ହୋଇଥିଲା।
ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା ଏହି ଖେଳକୁ ଉଦ୍‌ଘାଟନ କରିଥିଲେ । ପ୍ରେସ କ୍ଲବ ଏକାଦଶ ତରଫରୁ ମହାଦେବ ସାହୁ ଓ ବ୍ଲକ ପ୍ରଶାସନ ତରଫରୁ ମୁଖ୍ୟ କିରାଣୀ ମାନସ କୁମାର ସେଠି କ୍ୟାପଟେନ ଭାବରେ ନେତୃତ୍ୱ ନେଇଥିଲେ । ଅମ୍ପାୟାର ଭାବରେ ବିଭୁଦତ୍ତ ମୁଖି, ଭବାନି ଦେଓ ଓ ଟିଙ୍କୁନ ଦିଗାଲ ଖେଳ ପରିଚାଳନା କରିଥିଲେ। ସହକାରୀ ଯନ୍ତ୍ରୀ ଜୟପ୍ରକାଶ ଜେନାଙ୍କ ସହ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ସ୍ୱାଇଁ, ଜୀବିକା ମିଶନର ସଂଗ୍ରାମ କେଶରୀ ସାହୁ ଓ ରତିକାନ୍ତ ସାହୁ, ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ସୁମନ୍ତ ଉଠାଣସିଂ, ଡିଇଓ ଜିତେନ୍ଦ୍ର ଆଚାର୍ଯ୍ୟ, ଜିଆରଏସ ଗୌରାଙ୍ଗ କହଁର, ନରୋତ୍ତମ କହଁର, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚକ୍ରଧର ମହାରଣା ପ୍ରମୁଖ ସହଯୋଗ କରିଥିଲେ।

# ଏନ୍‌ଏସିର ପ୍ରଥମ କାଉନ୍‌ସିଲ ବୈଠକ



କାଉନ୍‌ସିଲ ବୈଠକରେ ଉପସ୍ଥିତ ଅଧ୍ୟକ୍ଷା, ଉପବାଚସ୍ପତି ଓ ଅନ୍ୟମାନେ।

ଜି.ଉଦୟଗିରି,୬।୧(ଶିଶିର ପଟ୍ଟନାୟକ)

ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହରେ ବର୍ଷର ପ୍ରଥମ ଅଧିବେଶନ ଶନିବାର ଅଧ୍ୟକ୍ଷା ଦେବସ୍ମିତା ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଧିବେଶନରେ ଉପବାଚସ୍ପତି ତଥା ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଞ୍ଚଳର ବିକାଶ ଉପରେ ସମସ୍ତ କାଉନ୍‌ସିଲର ଏବଂ ଏନ୍‌ଏସି କର୍ମକର୍ତ୍ତାଙ୍କ ସହ ଟିକିନିଖି ଆଲୋଚନା କରିଥିଲେ। ଦେବସ୍ମିତା ଶତପଥୀ ନୂତନ ଭାବେ ଅଧ୍ୟକ୍ଷା ଦାୟିତ୍ୱ ନେଇଛନ୍ତି, ସମସ୍ତ ନିର୍ବାଚିତ ପ୍ରତିନିଧି ତାଙ୍କୁ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ସମସ୍ତଙ୍କ ସହଯୋଗରେ ଜି.ଉଦୟଗିରି ଅଞ୍ଚଳର ବିକାଶ ହୋଇପାରିବ ବୋଲି ଉପସ୍ଥିତ ସମସ୍ତ କାଉନ୍‌ସିଲର, କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଏନ୍‌ଏସି କର୍ମକର୍ତ୍ତାଙ୍କୁ କହିଥିଲେ। ଅଧିବେଶନରେ ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, କାଉନ୍‌ସିଲର ସଂଗୀତା ନାୟକ, ନିଶାରାଣୀ ନାୟକ, ମୋନାଲିସା ଦଳବେହେରା, ପି.ସଞ୍ଜୀବ କୁମାର ପାତ୍ର, ସିଦ୍ଧେଶ୍ୱରୀ ନାୟକ, ଯାକେଶ କୁମାର ପ୍ରଧାନ, ଲକ୍ଷ୍ମୀପ୍ରିୟା ପରିଚ୍ଛା, କୁନ୍ତିମା ମଲ୍ଲିକ, ଲିପିକା ପ୍ରଧାନ, ନନ୍ଦିତା ପ୍ରଧାନ, ଦୀପକ କୁମାର ନାୟକ, ବିଧାୟକଙ୍କ ପ୍ରତିନିଧି ଅନିଲ କୁମାର ଦଳବେହେରାଙ୍କ ସହ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ, ବରିଷ୍ଠ ସହାୟକ ସତ୍ୟପ୍ରକାଶ ମହାପାତ୍ର, ମୁକ୍ତା ସଂଯୋଜକ ପ୍ରଭାତ କୁମାର ସାହୁ, କେ. ଜୀବନଜ୍ୟୋତି ପାତ୍ର, କନିଷ୍ଠଯନ୍ତ୍ରୀ ସୁଶାନ୍ତ କୁମାର ସାହୁ, ମୁକେଶ ରଞ୍ଜନ ନାୟକ, ପଙ୍କଜ କୁମାର ବେହେରା ଏବଂ ଗଣେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ୩୨ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

ଭଞ୍ଜନଗର, ୬।୧(ବାବୁଲା ପ୍ରଧାନ):

ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରର ୩୨ତମ କୃଷି ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗତ ବର୍ଷ କେନ୍ଦ୍ର ପକ୍ଷରୁ ହୋଇଥିବା କାର୍ଯ୍ୟକ୍ରମ ଏବଂ ୨୦୨୪-୨୫ ବର୍ଷ ପାଇଁ ନିଆଯାଇଥିବା କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା । ବିଭିନ୍ନ ବିଭାଗର ବୈଜ୍ଞାନିକ ସେମାନଙ୍କ ଗବେଷଣା ଲବ୍ଧ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଏହି ଅବସରରେ ଉପସ୍ଥାପନ କରିଥିଲେ। ଚାଷୀ ଭାଇଭଉଣୀ ଓ ଉପସ୍ଥିତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ବୈଠକରେ ଯୋଗଦେଇ ସେମାନଙ୍କ ସୁଚିନ୍ତିତ ମତାମତ ଦେଇଥିଲେ । ମତାମତ ଗୁଡିକୁ ବୈଜ୍ଞାନିକ ମାନେ ଆଲୋଚନା କରି ଆଗାମୀ ବର୍ଷର କାର୍ଯ୍ୟକ୍ରମ ସ୍ଥିର କରିବେ । ମୁଖ୍ୟ ଆଲୋଚ୍ୟ ବିଷୟ ଗୁଡିକ ମଧ୍ୟରେ ଧାନ ଫସଲ ଅମଳ ପରେ ସଠିକ ଉପାୟରେ ନଡା ପରିଚାଳନା, ନୂତନ ଲଙ୍କା ଓ ଟମାଟୋ କିସମର ଗବେଷଣା, ବାସ୍ନା ଧାନ ଚାଷ, କାଜୁ ଓ ପଣସର ପ୍ରକ୍ରିୟା କାରଣ, ଯନ୍ତ୍ର ସାହାଯ୍ୟରେ ପନିପରିବାରେ ଘାସ ନିୟନ୍ତଣ, ନୂତନ ମାଣ୍ଡିଆ କିସମ ର କ୍ଷେତ୍ର ପ୍ରଦର୍ଶନ ଓ ପ୍ରକ୍ରିୟାକରଣ, ଜଳବାୟୁ ଆଧାରିତ କୃଷି ପ୍ରମୁଖ ବିଷୟ ଉପରେ ଆଲୋଚନା ହୋଇଥିଲା। ଓୟୁଏଟି ଡିନ ଡଃ ପ୍ରସନ୍ନଜିତ ମିଶ୍ର ବୈଠକରେ ସଭାପତିତ୍ୱ କରିଥିଲେ। ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡଃ ସୁତନୁ କୁମାର ଶତପଥୀ ବିବରଣୀ ପଠନ କରିଥିଲେ। ଓୟୁଏଟିର ଯୁଗ୍ମ ନିର୍ଦ୍ଦେଶକ ଡଃ ହେମନ୍ତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜି.ଉଦୟଗିରି କେନ୍ଦ୍ରର ଏଡିଆର୍ ଡଃ ଜ୍ଞାନଲୋକ ଦାସ , ଏଡିଓ ଭଞ୍ଜନଗର ଡଃ ଏସ କେ ନନ୍ଦ, ଡଃ ସଂଜୀବ ମିଶ୍ର, ବ୍ରହ୍ମପୁର ଡାଲି ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡଃ ପ୍ରଶାନ୍ତ କୁମାର ପଣ୍ଡା, ଏସଡିଭିଓ ପ୍ରଦୀପ୍ତ ସାହୁ, ଏସ ରାମାରାଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡଃ ସନ୍ତୋଷ କୁମାର ସାମନ୍ତରାୟ, ଡଃ ସିଦ୍ଧାର୍ଥ ରଣବିଜୁଳି, ଅନିତା ପାତ୍ର, ଏମ ଦିବ୍ୟନାଥ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ। ଏହି ଅବସରରେ ଅତିଥି ମାନେ କୃଷି ବିଜ୍ଞାନ କେନ୍ଦ୍ରର ସନ୍ଦର୍ଭଟିକୁ ଉନ୍ମୋଚିତ କରିଥିଲେ। ପ୍ରଶାନ୍ତ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ସ୍ୱାତି ସ୍ୱୟଂପ୍ରଭା ପ୍ରଧାନ ଧନ୍ୟବାଦ ଦେଇଥିଲେ।




ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# କୃଷି ମହୋତ୍ସବ, ଯନ୍ତ୍ରପାତି ମେଳା ଆରମ୍ଭ

ଫୁଲବାଣୀ, ୬।୧
(ରାକେଶ କୁମାର ରାଉତ):

କନ୍ଧମାଳ ଷ୍ଟାଡିୟମରେ କନ୍ଧମାଳ ମହୋତ୍ସବ ଅବସରରେ ଜିଲାସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ଆରମ୍ଭ ହୋଇଛି । କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ଜିଲା ପ୍ରଶାସନ ପକ୍ଷରୁ ଆୟାଜିତ ଏହି କାର୍ଯ୍ୟକ୍ରମରେ କୃଷି ଯନ୍ତ୍ରପାତିର ପ୍ରଦର୍ଶନୀ ସହିତ କୃଷି ଓ ଆନୁଷଙ୍ଗିକ ବିଭାଗର କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରଦନ ମଲ୍ଲିକ ଅତିଥି ଭାବେ ଯୋଗଦେଇ ସରକାରୀ ସହାୟତାର ଲାଭ ନେଇ ଚାଷୀମାନେ ରିହାତି ଦରରେ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି କିଣି ଚାଷ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ। ଉନ୍ନତ ଜ୍ଞାନକୌଶଳ ଦ୍ୱାରା ଚାଷୀମାନେ ଅଳ୍ପ ସମୟରେ ଓ କମ୍ ଖର୍ଚ୍ଚରେ କିପରି ଅଧିକ ଅମଳ କରିପାରିବେ ତା' ଉପରେ ବିଭାଗୀୟ ଅଧିକାରୀମାନେ ଆଲୋଚନା କରିଥିଲେ। ଫୁଲବାଣୀ, ଖଜୁରୀପଡ଼ା ଓ ଫିରିଙ୍ଗିଆ ବ୍ଲକରୁ ପ୍ରାୟ ୩୦୦ ଜଣ ଚାଷୀ ଏହି ଆଲୋଚନାଚକ୍ରରେ ଯୋଗ ଦେଇଥିଲେ। ଚକାପାଦ ବ୍ଲକ କୃଷି ଅଧିକାରୀ ହେମନ୍ତ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଫୁଲବାଣୀ କୃଷି ଅଧିକାରୀ ସୁନୀତା ମିଶ୍ର ସଭା ପରିଚାଳନା କରିଥିଲେ। ଏହି କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ୯ ତାରିଖ ପର୍ଯ୍ୟନ୍ତ ଆୟୋଜନ କରାଯିବ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ତୁଷାରକାନ୍ତ ସାମଲ ସୂଚନା ଦେଇଛନ୍ତି।

# ଅଙ୍ଗନୱାଡି କେନ୍ଦ୍ରରେ ଓଜନ ଉତ୍ସବ



ଛାତ୍ରୀଛାତ୍ରଙ୍କ ଓଜନ ଓ ଉଚ୍ଚତା ମପା ଯାଉଛି ।

ଗଞ୍ଜାମ,୬।୧(ବିଦ୍ୟାଧର ସାହୁ)

ଗଞ୍ଜାମ ସହର ଆଖଡ଼ାବନ୍ଧ ସାହି ଅଙ୍ଗନୱାଡି କେନ୍ଦ୍ରରେ ଓଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ସଲୀଳା ପ୍ରଧାନ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ୦ ରୁ ୬ ବର୍ଷ ବୟସର ଛୁଆମାନଙ୍କ ଓଜନ ଓ ଉଚ୍ଚତା ମପାଯାଇଥିଲା। ଛୁଆମାନେ କିପରି ସୁସ୍ଥ ରହିବେ ସେମାନଙ୍କ ଶାରୀରିକ ଅଭିବୃଦ୍ଧି ଓ ମାନସିକ ବିକାଶ କିପରି ହୋଇପାରିବ ସେ ସମ୍ପର୍କରେ ଅଭିଭାବକମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଅଙ୍ଗନୱାଡି କର୍ମୀ ବବିତା ସେଠୀ, ଏଏନଏମ ବୀଣାପାଣି ନରେନ୍ଦ୍ର, ଶିକ୍ଷୟତ୍ରୀ ରେଣୁପ୍ରଭା ଦେବୀ, ଆଶାକର୍ମୀ ସୁନିତା ନାୟକ, ସହାୟିକା ବିଜୟ କୁମାରୀ ଦାଶ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସୁପରିଚାଳନା କରିଥିଲେ। ସେହିପରି ଗଞ୍ଜାମ ବ୍ଲକର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର ମାନଙ୍କରେ ଓଜନ ଉତ୍ସବ ଆୟୋଜିତ ହେଉଥିବା ଜଣାପଡ଼ିଛି।

# ୯ ଏନ୍‌ଏସିକୁ ଗାର୍‌ବେଜ୍ ଫ୍ରି ସିଟିଜ୍ ଷ୍ଟାର ରେଟିଙ୍ଗ

ଛତ୍ରପୁର,୬।୧(ସନ୍ତୋଷ ପାଢୀ):

କେନ୍ଦ୍ର ସରକାରଙ୍କ ଗୃହ ନିର୍ମାଣ ଓ ସହରାଞ୍ଚଳ ମନ୍ତ୍ରଣାଳୟ ପକ୍ଷରୁ ଗଞ୍ଜାମ ଜିଲାର ୯ ଟି ଏନଏସିକୁ ମିଳିଛି ଗାରବେଜ୍ ଫ୍ରି ସିଟିଜ୍ ଷ୍ଟାର ରେଟିଙ୍ଗ। ସ୍ୱଚ୍ଛ ଭାରତ ମିଶନ ଅର୍ବାନ-୨.୦ ଅଧିନରେ ସ୍ୱଚ୍ଛ ସର୍ଭେକ୍ଷଣ ପ୍ରତିବର୍ଷ ହେଉଛି । ୨୦୨୩ ପାଇଁ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପର ସଫଳ ରୂପାୟନ ପାଇଁ ଗାରବେଜ୍ ଫ୍ରି ସିଟିଜ୍ ଷ୍ଟାର ରେଟିଙ୍ଗ୍ ବିଭିନ୍ନ ସହରକୁ ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲାର ସମସ୍ତ ଏନଏସି ପକ୍ଷରୁ ସ୍ୱଚ୍ଛ ସର୍ଭେକ୍ଷଣରେ ଗାରବେଜ୍ ଫ୍ରି ସିଟିଜ୍ ଷ୍ଟାର ରେଟିଙ୍ଗ୍‌ରେ ୩ ଷ୍ଟାର ରେଟିଙ୍ଗ ପାଇଁ ଆବେଦନ କରାଯାଇଥିଲା । ତେବେ ଜିଲାର ୯ଟି ଏନଏସି କୁ ଗାରବେଜ୍ ଫ୍ରି ସିଟିଜ୍ ଷ୍ଟାର ମିଳିଛି । ସେଗୁଡିକ ମଧ୍ୟରେ ଭଞ୍ଜନଗର, ବେଲଗୁଣ୍ଠା, ଆସ୍କା, ପୋଲସରା, କୋଦଳା, ଛତ୍ରପୁର, ଗଞ୍ଜାମ, ପୁରୁଷୋତ୍ତମପୁର ଓ ଗୋପାଳପୁର ଏନଏସି ରହିଛି । ସହରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ସହ ୨୫ ଟି ପାରାମିଟରକୁ ପୂରଣ କଲେ କେନ୍ଦ୍ର ସରକାରଙ୍କ ଗୃହ ନିର୍ମାଣ ଓ ସହରାଞ୍ଚଳ ମନ୍ତ୍ରଣାଳୟ ପକ୍ଷରୁ ଗାରବେଜ୍ ଫ୍ରି ସିଟିଜ୍ ଷ୍ଟାର ରେଟିଙ୍ଗ ପ୍ରଦାନ କରାଯାଇଥାଏ । ବିଶେଷକରି ସହରାଞ୍ଚଳକୁ ସଫା ରଖିବା ପାଇଁ ପ୍ରୋତ୍ସାହିତ କରିବା ପାଇଁ ଏହି ଷ୍ଟାର ରେଟିଙ୍ଗ୍ ପ୍ରଦାନ କରାଯାଉଛି । ଦୈନିକ ଘରକୁ ଘର ବୁଲି ଆବର୍ଜନା ସଂଗ୍ରହ କରାଯିବା ସହ ଏହି ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ପ୍ରତିଷ୍ଠା କରି ଏଠାରେ ଏଗୁଡିକୁ କମ୍ପୋଷ୍ଟରେ ପରିଣତ କରାଯାଇଥାଏ ।

# ଖବରଦାତାଙ୍କୁ ଆକ୍ରମଣ ଘଟଣାକୁ ନିନ୍ଦା

ପୋଲସରା,୬।୧(ସୁବ୍ରତ ବେହେରା)

ଗଞ୍ଜାମ ଜିଲା ପୋଲସରା ଉତ୍କଳ ସାମ୍ବାଦିକ ସଂଘ ସଭାପତି ସୁବ୍ରତ ବେହେରାଙ୍କୁ ଆକ୍ରମଣ ଘଟଣାକୁ ନେଇ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଦୃଢ଼ ନିନ୍ଦା କରାଯିବା ସହ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ପୋଲସରା ବ୍ଲକ କାର୍ଯ୍ୟାଳୟକୁ ଖବର ସଂଗ୍ରହ କରିବାକୁ ଯାଇଥିବା ବେଳେ ବ୍ଲକ ଅଧ୍ୟକ୍ଷାଙ୍କ ପୁଅ ରାଜେନ୍ଦ୍ର ପ୍ରଧାନ ଓ ଉପାଧ୍ୟକ୍ଷ କାହ୍ନୁ ଚରଣ ପରିଡ଼ାଙ୍କ ଉପସ୍ଥିତିରେ କିଛି ସରପଞ୍ଚଙ୍କ ସମର୍ଥକ କଣଛାଇ ଗ୍ରାମର ରାମକୃଷ୍ଣ ଦାସ, ତୁଙ୍କାପଡ଼ା ଗ୍ରାମର ସୁଦିପ୍ତ କୁମାର ଦଳେଇ, ଜଗନ୍ନାଥ ପ୍ରଧାନ, ଉକ୍ତ ଗ୍ରାମର ଗ୍ରାମ ରୋଜଗାର ସେବକ ହେମନ୍ତ ନାହାକ ସମେତ ୪୦ ରୁ ଉର୍ଦ୍ଧ୍ୱ ଏବଂ ଅନ୍ୟମାନେ ସୁବ୍ରତଙ୍କୁ ଆକ୍ରମଣ କରିଥିବା ନେଇ ଶନିବାର ପୋଲସରା ଥାନାରେ ଭିଯୋଗ ହୋଇଛି । ଉତ୍କଳ ସାମ୍ବାଦିକ ସଂଘ ଜିଲା ସଭାପତି ଅନିଲ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ପାତ୍ର, ସମ୍ପାଦକ ଜୟକୃଷ୍ଣ ପଟ୍ଟନାୟକ, ବୁଗୁଡ଼ା ମିଡ଼ିଆ କ୍ଲବ ଉପ ସଭାପତି ମନୋରଞ୍ଜନ ଦାଶ, ସହ ସମ୍ପାଦକ ହରପ୍ରସାଦ ପାଢ଼ୀ, ଅଭୟ ପ୍ରସାଦ ପାଣିଗ୍ରାହୀ, ଭଞ୍ଜନଗର ବ୍ଲକ ସଭାପତି ଅମରେନ୍ଦ୍ର ପଟ୍ଟନାୟକ, ମନୋଜ ଗୌଡ଼, ଅନିଲ ସେଠି, ସୋରଡ଼ା ୟୁନିୟନର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଲୋକନାଥ ମହାନ୍ତି, ଜଗନ୍ନାଥପ୍ରସାଦ ବ୍ଲକ ସଭାପତି ଚନ୍ଦ୍ରକେତୁ ରାଉତ, ପ୍ରଦୀପ ଚୌଧୁରୀ, ଅକ୍ଷାନ୍ତ ମିଶ୍ର ପ୍ରମୁଖ ଘଟଣାକୁ ନିନ୍ଦା କରିବା ସହ ଦୋଷୀମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଛନ୍ତି।

# କେଏସ୍‌ୟୁବି କଲେଜରେ ୩ଟି ନିର୍ବାଚନମଣ୍ଡଳୀର ଷ୍ଟ୍ରଙ୍ଗ ରୁମ୍ ହେବ

## ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ

ଭଞ୍ଜନଗର,୬।୧(ବାବୁଲା ପ୍ରଧାନ):

ଆଉ କିଛି ମାସ ପରେ ସାଧାରଣ ନିର୍ବାଚନ ହେବ। ଶୁକ୍ରବାର ଭୋଟର ତାଲିକା ପ୍ରକାଶିତ ହୋଇଛି। ଆପତ୍ତି ଅଭିଯୋଗ ପରେ ଚୂଡାନ୍ତ ଭୋଟର ତାଲିକା ଆଉ କିଛି ଦିନ ମଧ୍ୟରେ ପ୍ରକାଶିତ ହେବ। ତେଣୁ ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ପକ୍ଷରୁ ନିର୍ବାଚନ କିଭଳି ଶାନ୍ତି ଶୃଙ୍ଖଳାର ସହ ପରିଚାଳନା ହେବ ସେନେଇ ପ୍ରସ୍ତୁତି ଚାଲିଛି। କିଛିଦିନ ମଧ୍ୟରେ ଇଭିଏମ ମେସିନ ଆସି ଭଞ୍ଜନଗରରେ ପହଞ୍ଚିଯିବ। ଉକ୍ତ ମେସିନଗୁଡିକ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ରଖାଯିବ। ତେଣୁ ଶନିବାର ଭଞ୍ଜନଗର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ ମହାବିଦ୍ୟାଳୟରେ ପହଞ୍ଚି ଇଭିଏମ



ଉପଜିଲାପାଳ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ମେସିନ ରଖିବା ପାଇଁ ହେବାକୁ ଥିବା ଷ୍ଟ୍ରଙ୍ଗ ରୁମଗୁଡିକ ବୁଲି ଦେଖିଥିଲେ। କଲେଜରେ ଭଞ୍ଜନଗର, ସୋରଡ଼ା ଏବଂ ଆସିକା ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଏବଂ ଏମପି ନିର୍ବାଚନ ପାଇଁ ବ୍ୟବହୃତ ହେବାକୁ ଥିବା ମେସିନଗୁଡିକ ରହିବ। ଏଠାରେ ହିଁ ଭୋଟ ଗଣତି ହେବ। ମତଦାନ ପୂର୍ବରୁ ମେସିନଗୁଡିକୁ ଏଠାରୁ ବାହାର କରି ବଣ୍ଟନ କରାଯିବ। ମତଦାନ ସରିବା ପରେ ଭୋଟ ଗଣତି ପର୍ଯ୍ୟନ୍ତ ମେସିନ ଗୁଡିକୁ କଡା ସୁରକ୍ଷା ମଧ୍ୟରେ ରଖାଯିବ। ଉକ୍ତ ୩ଟି ନିର୍ବାଚନମଣ୍ଡଳୀରେ ୭୨୪ଟି ବୁଥ ଅଛି। ୬ ଲକ୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ଭୋଟର ଉକ୍ତ ୩ଟି ନିର୍ବାଚନମଣ୍ଡଳୀରେ ଅଛନ୍ତି। ଉପଜିଲ୍ଲାପାଳଙ୍କ ଗସ୍ତ ସମୟରେ ଏସଡିପିଓ ବିଶ୍ୱାମିତ୍ର ହରପାଲ ମଧ୍ୟ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ଏହି ସମୟରେ ଉପଜିଲ୍ଲାପାଳ କାର୍ଯ୍ୟାଳୟ ନିର୍ବାଚନ ସେକ୍ସନ କର୍ମଚାରୀ ମୁକ୍ତିକାନ୍ତ ନାୟକ, କଲେଜ ଅଧ୍ୟକ୍ଷଙ୍କ ଅନୁପସ୍ଥିତିରେ ଇଂରାଜୀ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ବିଭାସ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

